ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.261, Bhubaneswar Thursday, November 28, 2019 ୨୨ତମ ବର୍ଷ ସଂଖ୍ୟା-୨୬୧ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୮, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS

## ଓଡିଶାରେ ହେବ ୨୦୨୩ ପୁରୁଷ ହକି ବିଶ୍ୱକପ୍




ଭୁବନେଶ୍ୱର,(ପିଏନ): ଆସନ୍ତା ୨୦୨୩ ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାରେ ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହି ଘୋଷଣା କରିଛନ୍ତି। ଓଡ଼ିଶା ହକି ବିଶ୍ୱକପ-୨୦୧୮ର ପୂର୍ତି ଅବସରରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୩ରେ ହେବାକୁଥିବା ପୁରୁଷ ବିଶ୍ୱକପ୍ କେବଳ ଭୁବନେଶ୍ୱରରେ ଖେଳାଯିବ ନାହିଁ। ବିଶ୍ୱକପର କିଛି ମ୍ୟାଚ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ମଧ ଆୟୋଜିତ ହେବ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶା ପ୍ରକୃତରେ ବିଶ୍ୱ ହକିର କେନ୍ଦ୍ର ହୋଇପାରିଛି। ଏହା ପୁଣି ଥରେ ପ୍ରମାଣିତ ହୋଇଛି। ବିଶ୍ୱକପ୍ ହକି ଆୟୋଜନ କରିବାପାଇଁ ଭାରତ ସମେତ ମାଲେସିଆ ଏବଂ ବେଲଜିୟମ୍ ମଧ୍ୟ ଦୌଡରେ ଥିଲେ। ମାତ୍ର ଭାରତ ବିଡ୍ ଜିତିବା ସହ ପୁଣି ଥରେ ବିଶ୍ୱକପ୍ ଆୟୋଜନ କରିବାକୁ ସୁଯୋଗ ପାଇଛି। ଏହାସହ ହକି ଇଣ୍ଡିଆ ଓଡିଶାକୁ ନିଜର ଭେନ୍ୟୁ ଭାବେ ବାଛିବା ସହ ଓଡିଶା ସରକାରଙ୍କ ସହଭାଗିତା ଲୋଡିଛନ୍ତି।

ସେହିପରି ହକି ଇଣ୍ଡିଆ ଏବଂ ଅନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ୍)ର ସଭାପତି ନରିନ୍ଦର ବାତ୍ରା କହିଛନ୍ତି ହକି ପାଇଁ ଓଡ଼ିଶା ବିକାଶମୂଳକ କାମ କରୁଛି। ଭୁବନେଶ୍ୱର ଏବେ ଭାରତର କ୍ରୀଡ଼ାର ରାଜଧାନୀ ପାଲଟିଛି। ଆମେ ଏଠାରେ ୨୦୧୮ ହକି ବିଶ୍ୱକପ ଆୟୋଜନ କରି ଅଭୁତ ସଫଳତା ପାଇଛୁ। ଏହା ବିଶ୍ୱସ୍ତରରେ ଆଦରଣୀୟ ହୋଇପାରିଛି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଋଣୀ। ଓଡ଼ିଶାବାସୀ ଯେଉଁ ଭଲ ପାଇବା ଦେଇଛନ୍ତି, ସେଥିପାଇଁ ଆମେ ଋଣୀ।ଏହି କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ବିଶାଲ ଦେବ, କ୍ରୀଡ଼ା ନିର୍ଦ୍ଦେଶକ ଭିନୀଲ କ୍ରିଷ୍ଣା, ୫-ଟି ସଚିନ ଭିକେ ପାଣ୍ଡିଆନ୍ ଉପସ୍ଥିତ ଥିଲେ।

## ସଂସ୍କୃତି ମନ୍ତ୍ରୀ ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି : କଂଗ୍ରେସ

ଭୁବନେଶ୍ୱର,(ପିଏନ): ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ବିରୁଦ୍ଧରେ ସଂଗୀନ ଅଭିଯୋଗ ଆଣିଛି କଂଗ୍ରେସ । ଗତ ଅକ୍ଟୋବର ୪ ତାରିଖରେ ହାଇଦ୍ରାବାଦ ଠାରେ ଅନୁଷ୍ଠିତ "ଟୁରିଜିମ୍ ରୋଡ୍ ସୋ"ରେ ଭାଗ ନେବା ପାଇଁ ମନ୍ତ୍ରୀ ନିଜର ବ୍ୟକ୍ତିଗତ ଅତିଥି ଭାବେ ଦୁଇଜଣ ମହିଳାଙ୍କୁ ନିଜ ସହ ବିମାନରେ ହାଇଦ୍ରାବାଦ ନେବା ଓ ରହିବା ବନ୍ଦୋବସ୍ତ ସରକାରୀ ଖର୍ଚ୍ଚରେ କରିଛନ୍ତି। ଏହାଦ୍ୱାରା ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ନିଜ ପଦବୀର ଅପବ୍ୟବହାର କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ ସଂପୃକ୍ତ ଦୁଇଜଣ ମହିଳାଙ୍କ ପାଇଁ ବିମାନ ଟିକେଟ୍ ଏବଂ ହୋଟେଲରେ ରହଣି ପାଇଁ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡିଶା ଟୁରିଜିମ୍ ଡେଭଲପମେଂଟ କର୍ପୋରେସନ ର ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମନ୍ତ୍ରୀ ପାଣିଗ୍ରାହୀ ସ୍ପଷ୍ଟ କରନ୍ତୁ ଯେ ସଂପୃକ୍ତ ମହିଳାଙ୍କ କେଉଁ ଯୋଗ୍ୟତା ଓ ଅଭିଜ୍ଞତା ହାଇଦ୍ରାବାଦ ରୋଡ ସୋରେ ଓଡିଶାବାସୀଙ୍କୁ ସହାୟତା କରିଛି ବୋଲି ସତ୍ୟ ନାୟକ ପ୍ରଶ୍ନ କରିଛନ୍ତି।

ସଂପୃକ୍ତ ମହିଳା ଦୁଇଜଣଙ୍କୁ ମନ୍ତ୍ରୀ ନିଜ ସହ ଅତିଥି ଭାବରେ ହାଇଦ୍ରାବାଦ ନେବା ପାଇଁ ମନ୍ତ୍ରୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କଠୁ ଅନୁମତି ନେଇଛନ୍ତି ନା ନାହିଁ? ହାଇଦ୍ରାବାଦ ଠାରେ ତାଜ୍ କ୍ରିଷ୍ଣା ହୋଟେଲରେ ମନ୍ତ୍ରୀ ଏବଂ ଦୁଇଜଣ ମହିଳାଙ୍କ ରହଣିର ହୋଟେଲ ଖର୍ଚ୍ଚ କିଏ ବହନ କରିଛି, ଓଟିଡିସି ନା ଅନ୍ୟ ସଂସ୍ଥା? ଅନ୍ୟ ସଂସ୍ଥା ଠାରୁ ଅନୁଗ୍ରହ ଆଣିବାରେ ଓଟିଡିସିର ଭୂମିକାର ତଦନ୍ତ ହେଉ ବୋଲି ଶ୍ରୀ ନାୟକ ଦାବି କରିବା ସହ ଏ ଘଟଣାରେ କ'ଣ ସତ୍ୟାସତ୍ୟ ରହିଛି ମୁଖ୍ୟମନ୍ତ୍ରୀ ଅବିଳମ୍ବେ ସ୍ପଷ୍ଟିକରଣ ଦିଅନ୍ତୁ ଓ ମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରନ୍ତୁ ବୋଲି ଦାବି କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ନିଶିକାନ୍ତ ମିଶ୍ର, ରଜନୀ ମହାନ୍ତି, ପ୍ରଶାନ୍ତ ଶତପଥୀ ଓ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।

## କାର୍ଟୋସାଟ-୩ ସଫଳ ଉତକ୍ଷେପଣ

ନୂଆଦିଲ୍ଲୀ,(ପିଏନ): ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଭାରତର ଧ୍ରୁବୀୟ ଉପଗ୍ରହ ଉତକ୍ଷେପଣ ଯାନ (ପିଏସଏଲଭି-୪୭) ନିଜର ୪୭ତମ ଅଭିଯାନରେ ସଫଳତାପୂର୍ବକ କାର୍ଟୋସାଟ-୩ ଉପଗ୍ରହ ସମେତ ଆମେରିକାର ୧୩ଟି କ୍ଷୁଦ୍ର ଉପଗ୍ରହ ଉତକ୍ଷେପଣ କରିବାରେ ସଫଳ ହୋଇଛି।

ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଂଚ ପ୍ୟାଡରୁ ଆଜି ସକାଳ ୯ଟା ୨୮ ମିନିଟ ସମୟରେ ପିଏସଏଲଭି-ସି୪୭କୁ ଉତକ୍ଷେପଣ କରାଯାଇଥିଲା। ଭୂପୃଷ୍ଠ ଛାଡ଼ିବାର ୧୭ ମିନିଟ ୩୮ ସେକେଣ୍ଡ ପରେ କାର୍ଟୋସାଟ-୩ ସଫଳତା ପୂର୍ବକ ଉତକ୍ଷେପଣ ଯାନ ଠାରୁ ଅଲଗା ହୋଇ ୫୦୯ କିମି ବିଶିଷ୍ଟ ସୂର୍ଯ୍ୟ ସମକାଳୀନ ପୃଥବୀ କକ୍ଷପଥରେ ଅବସ୍ଥାପିତ ହୋଇଥିଲା। ଏହାପରେ ୧୩ଟି କ୍ଷୁଦ୍ର ଉପଗ୍ରହ ଅଲଗା ହୋଇ ସେମାନଙ୍କ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ ହୋଇଥିଲେ। ଅଲଗା ହେବା ପରେ କାର୍ଟୋସାଟ-୩ର ସୌର ସରଣୀ ସ୍ୱୟଂକ୍ରିୟ ଭାବେ ନିୟୋଜିତ ହୋଇଥିଲା ଏବଂ ବେଙ୍ଗାଲୁରୁ ଠାରେ ଥିବା ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱାର୍କ ଏହି ଉପଗ୍ରହ ଉପରେ ନିୟନ୍ତ୍ରଣ ହାସଲ କରିଥିଲା। ଆଗାମୀ ଦିନରେ ଏହି ଉପଗ୍ରହକୁ ଏହାର ଅନ୍ତିମ ପରିଚାଳନା ବିନ୍ୟାସ ମଧ୍ୟକୁ ଅଣାଯିବ।

ଇସ୍ରୋ ଅଧକ୍ଷ ଡ. କେ ସିବନ ଏହି ଅବସରରେ କହିଛନ୍ତି ଯେ, କାର୍ଟୋସାଟ-୩ ହେଉଛି ଇସ୍ରୋ ପକ୍ଷରୁ ବିକଶିତ ସବୁଠୁ ଜଟିଳ ଏବଂ ଅତ୍ୟାଧୁନିକ ଭୂ-ଅବଲୋକନ ଉପଗ୍ରହ। ସେ ଆହୁରି କହିଥିଲେ ଯେ ଏହା ହେଉଛି ତୃତୀୟ ପିଢ଼ିର ଅତ୍ୟାଧୁନିକ ଉପଗ୍ରହ ଯାହାର ଉଚ୍ଚ ଗୁଣବତାପୂର୍ଣ୍ଣ ଚିତ୍ରୋତଳନ କ୍ଷମତା ରହିଛି।

କାର୍ଟୋସାଟ-୩ ଉପଗ୍ରହର ଅଭିଯାନ ଅବଧି ୫ବର୍ଷ। ବ୍ୟାପକ ସହରୀ ଯୋଜନା, ଗ୍ରାମୀଣ ସମ୍ବଳ ପରିଚାଳନା, ଭିତିଭୂମି ବିକାଶ, ଉପକୂଳ ଭୂମିର ଉପଯୋଗ ଏବଂ ଭୂମିର ବିସ୍ତାର ଆଦି କ୍ଷେତ୍ରରେ ଏହା ବେଶ ସହାୟକ ହୋଇପାରିବ।

ଏହି ଅଭିଯାନରେ ସାମିଲ ବୈଜ୍ଞାନିକମାନଙ୍କୁ ଇସ୍ରୋ ଅଧକ୍ଷ ଡ. କେ ଶିବନ ପ୍ରଶଂସା କରିବା ସହିତ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସହଯୋଗ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତକୁ ମଧ ପ୍ରଶଂସା କରିଥିଲେ।

### ଇସ୍ରୋ ଟିମକୁ ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ,(ପିଏନ): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କାର୍ଟୋସାଟ-୩ ଉପଗ୍ରହ ଏବଂ ଆମେରିକାର ଏକ ଡଜନରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଉପଗ୍ରହକୁ ପିଏସଏଲଭି-ଭି-ସି-୪୭ ମହାକାଶଯାନ ଜରିଆରେ ସଫଳ ଉତକ୍ଷେପଣ ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ମହକାଶ ଗବେଷଣା ସଂଗଠନ (ଇସ୍ରୋ)ର ସମ୍ପୂର୍ଣ୍ଣ ଟିମକୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମୁଁ ସ୍ୱଦେଶୀ କାର୍ଟୋସାଟ-୩ ଉପଗ୍ରହ ଏବଂ ଆମେରିକାର ଏକ ଡଜନରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଉପଗ୍ରହ ସମେତ ପିଏସଏଲଭି-ସି-୪୭ର ସଫଳ ଉତକ୍ଷେପଣ ଲାଗି ଇସ୍ରୋର ସମସ୍ତ ଟିମକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଉନ୍ନତ କାର୍ଟୋସାଟ-୩ ଜରିଆରେ ଆମର ହାଇ ରିଜୋଲ୍ୟୁସନ କ୍ଷମତା ବୃଦ୍ଧି ପାଇବ। ଇସ୍ରୋ ପୁଣିଥରେ ଦେଶକୁ ଗୌରବାନ୍ୱିତ କରିଛି ବୋଲି ସେ କହିଛନ୍ତି।

## ବିଧାନସଭାରେ ସି.ଭି ରମଣ ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟ ବିଲ୍ ଉପସ୍ଥାପିତ

ଭୁବନେଶ୍ୱର,(ପିଏନ): ଆଇନ୍ ପ୍ରଣୟନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓଡିଶା ବୃତିଗତ ଚିକିତ୍ସା ଓ କ୍ଷତିପୂରଣ ନିମନ୍ତେ ବିଲ୍ ୨୦୧୯-୨୦ ବର୍ଷ ପାଇଁ ଆଗତ କରିଛନ୍ତି। ଏଥିପୂର୍ବରୁ ଗତକାଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଅନୁରୂପ ଭାବେ ଆଇନ୍ ପ୍ରଣୟନ ପାଇଁ ସି.ଭି ରମଣ ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟ ଓଡିଶା ବିଧେୟକ ୨୦୧୯ ଆରମ୍ଭ କରିଥିଲେ। ରାଜ୍ୟରେ ବୃତିଗତ ଚିକିତ୍ସା ଓ ଭିଜିଓ ଥେରାପି ପାଠ୍ୟକ୍ରମରେ ଶିକ୍ଷାଦାନ କରୁଥିବା ଅନୁଷ୍ଠାନ ଗୁଡିକୁ ଆପତିବିହୀନ ପ୍ରମାଣପତ୍ର ବା ସ୍ୱିକୃତୀ ପ୍ରଦାନ କରିବାପାଇଁ ଅନୁମୋଦିତ ନିୟାମକ ନୀତି ନାହିଁ। ଫଳରେ ଏହି ପାଠ୍ୟକମ ଆରମ୍ଭ କରିବାପାଇଁ ଯେଉଁ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ଓ ସର୍ବନିମ୍ନ ମାନ ରକ୍ଷା କରାଯିବାର ଆବଶ୍ୟକ ସେଥିରେ ସମରୁପତା ରହୁନାହିଁ। ଯଦ୍ୱାରା ଚିକିତ୍ସା କ୍ଷେତ୍ରରେ ଅନୈତିକ ପ୍ରାକ୍ଟିସ୍ ହବାର ସମ୍ଭାବନା ରହିବା .ସହ ଯୋଗ୍ୟ ପ୍ରାର୍ଥୀ ମାନେ ଚାକିରୀ ପାଇବା ପାଇଁ ଅସୁବିଧା ସୃଷ୍ଟି ହେଉଛି। ସେଥିପାଇଁ ଏକ ପରିଷଦ ଗଠନ କରାଗଲେ ତା ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବଏବଂ ବୃତିଗତ ଚିକିତ୍ସା ଓ ଫିଜିଓ ଥେରାପି ରେଜିଷ୍ଟ୍ରୀକୃତ ଯୋଗ୍ୟତା ହାସଲ କରିବା ଦିଗରେ ବେକାର ଯୁବକ ଯୁବତୀ ମାନଙ୍କ ଆବଶ୍ୟକତା ପୂରଣ କରିବା ଦିଗରେ ସହାୟକ ହେବ ବୋଲିବିଲ୍ ରେ ଉଲ୍ଲେଖ କରାଯାଇଛି। ଉତମ ଗୁଣାତ୍ମକ ମାନର ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିବ। ଶୃଙ୍ଖଳିତ ଶିକ୍ଷାଦାନ , ତାଲିମ ଓ ଗବେଷଣା କାର୍ଯ୍ୟକୁ ସୁନିଶ୍ଚିନ୍ତ କରାଯାଇପାରିବ। ଚିକିତ୍ସା ଓ ସେ ସମ୍ବନ୍ଧୀୟ ସମସ୍ତ ଶୈକ୍ଷିକ କାର୍ଯ୍ୟକ୍ରମରେ ସମରୂପତା ରକ୍ଷା କରାଯାଇପାରିବ।

## ବାଚସ୍ପତିଙ୍କ ସହ ଅର୍ଥସେବାର ଶିକ୍ଷାନବିଶମାନଙ୍କ ସୌଜନ୍ୟ ସାକ୍ଷାତ



ଭୁବନେଶ୍ୱର, (ପିଏନ): ଓଡ଼ିଶା ଅର୍ଥ ସେବାର ଶିକ୍ଷାନବିଶମାନେ ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସେମାନେ ବାଚସ୍ପତିଙ୍କ ଗ୍ୟାଲେରୀରୁ ଗୃହ ପରିଚାଳନା ସଂପର୍କରେ ମଧ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଛନ୍ତି । ବାଚସ୍ପତି ଡ. ପାତ୍ର ସେମାନଙ୍କୁ ଶୁଭକାମନା ଜଣାଇବା ସହ ନିଃସ୍ୱାର୍ଥପର ଭାବେ ଜନସେବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ସୌଜନ୍ୟସାକ୍ଷାତବେଳେ ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ ।

## ଗୋଟିଏ ବର୍ଷରେ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ରାଜକୋଷରୁ ବ୍ୟୟ ହୋଇଛି ୪୮୨.୧୨ କୋଟି

ଭୁବନେଶ୍ୱର,(ପିଏନ): ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୧୮ ଅକ୍ଟୋବରରୁ ୨୦୧୯ ଅକ୍ଟୋବର ମଧ୍ୟରେ ରାଜ୍ୟ ରାଜକୋଷରୁ ସରକାର ବ୍ୟୟ କରିଛନ୍ତି ୪୮୨.୧୨ କୋଟି ଟଙ୍କା। ବୁଧବାର ଦିନ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ମୋହନଚରଣ ମାଝୀଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟୟର ପରିମାଣ ସମ୍ପର୍କିତ ପ୍ରଶ୍ନର ଉତର ରଖି ମନ୍ତ୍ରୀ ଶ୍ରୀ ସ୍ୱାଇଁ ତଥ୍ୟ ଦେଇ କହିଛନ୍ତି ଯେ, ରାଜ୍ୟରେ ଅକ୍ଟୋବର ୨, ୨୦୧୮ଠାରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଣୟନ କରାଯାଉଛି। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଯୋଜନାରେ ୨୦୧୮ ଅକ୍ଟୋବରରୁ ୨୦୧୯ ଅକ୍ଟୋବର ମଧ୍ୟରେ ପଞ୍ଜିକୃତ ହିତାଧିକାରୀଙ୍କୁ ବଂଟନ ନିମନ୍ତେ ରାଜ୍ୟ ସରକାର ୧,୩୯,୫୦୩ ମେଟ୍ରିକ ଟନ୍ ଚାଉଳ ଯୋଗାଣ ନିମନ୍ତେ ୪୮୨ କୋଟି ଟଙ୍କା ବ୍ୟୟ କରିଛନ୍ତି। ଆଧାର ସଂଯୋଗୀକରଣ ନଥିବା ସତ୍ୱେ ରାଜ୍ୟର ସମସ୍ତ ୮୯ ଲକ୍ଷ ୧୬ହଜାର ୩୧୪ଟି ପରିବାରଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁସାରେ ଖାଦ୍ୟ ସୁରକ୍ଷା ଯୋଗାଇ ଦିଆଯାଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୨୦୧୩ ହିତାଧିକାରୀ ତାଲିକାରୁ ମୃତ ଓ ଅଯୋଗ୍ୟ ରାସନକାର୍ଡଧାରୀଙ୍କୁ ବାଦ୍‌ଦେବା ପରେ ଏହାଦ୍ୱାରା ସୃଷ୍ଟି ହୋଇଥିବା ଖାଲି ସ୍ଥାନରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ତାଲିକାଭୁକ୍ତ ୩ଲକ୍ଷ ୬୧ ହଜାର ୫୯୭ ପରିବାରର ୧୨ଲକ୍ଷ ୨୫ ହଜାର ୪୧ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ତାଲିକାରୁ ସ୍ଥାନାନ୍ତର କରାଯାଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ରେ ସାମିଲ କରାଯାଇଛି।ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୫ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ୩ଲକ୍ଷ ୬୧ ହଜାର ୫୯୭ ପରିବାରକୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ରାଜ୍ୟରେ ଏହି ଖାଦ୍ୟ ସୁରକ୍ଷା ଯୋଜନାର ଲକ୍ଷ୍ୟ ପୂରଣ ଦିଗରେ ପଦକ୍ଷେପ ନିଆଯାଇପାରିନାହିଁ। ଏବେବି ଅନେକ ବଂଚିତ ପରିବାର ଅଛନ୍ତି ଯେଉଁମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସରକାରଙ୍କ ଘୋଷଣା ବିଫଳ ହୋଇଛି ଓ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାର ଶେଷ ହୋଇନାହିଁ। ଏଦିଗରେ ସମୀକ୍ଷା କରିବା ସହ ସମସ୍ତ ପ୍ରକୃତ ହିତାଧିକାରୀଙ୍କ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ସାମିଲ କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି।

## ଏମସିଏଲ ଓଡିଶା ବାହାର ଲୋକଙ୍କୁ ନିଯୁକ୍ତି ଦେଉଥିବା ଅଭିଯୋଗ କଲେ ବିଜେଡି ବିଧାୟକ

ଭୁବନେଶ୍ୱର,(ପିଏନ): ମହାନଦୀ କୋଲ ଫିଲ୍ଡ କମ୍ପାନୀ ସ୍ଥାନୀୟ ଓ ଓଡିଶାର ଯୁବକ ମାନଙ୍କୁ ନିଯୁକ୍ତି ନ ଦେଇ ରାଜ୍ୟ ବାହାରର ଯୁବକ ମାନଙ୍କୁ ନିଯୁକ୍ତି ଦେଉଛି ବୋଲି ବିଜେଡି ବିଧାୟକ ମାନେ ଅଭିଯୋଗ କରିଛନ୍ତି । ସେମାନେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ନିର୍ଦ୍ଦେଶ ଦେବାକୁ ବାଚସ୍ପତିଙ୍କ ନିକଟରେ ଅନୁରୋଧ କରିଛନ୍ତି ।ବୁଧବାର ଦିନ ଶୂନ୍ୟକାଳରେ ବିଜେଡି ବିଧାୟକ କିଶୋର ମହାନ୍ତି ଏହି ପ୍ରସଙ୍ଗକୁ ଉଠାଇ କହିଥିଲେ ଯେ ଏମସିଏଲ କମ୍ପାନୀ କିଛି ଦିନ ତଳେ ୨୩ ୭୩ ଜଣଙ୍କୁ ଚାକିରୀରେ ନେବାକୁ ଇଂଟରଭ୍ୟୁ କରିଛି । ଏମାନଙ୍କ ମଧ୍ୟରେ ଦଶ ଜଣରୁ ଅଧିକ ଓଡିଆ ନାହାନ୍ତି। କମ୍ପାନୀ ଓଡିଶା ବାହାରର ଲୋକଙ୍କୁ ଚାକିରୀ ପ୍ରଦାନ କରୁଛି। ଓଡିଶାର ଖଣି, ଓଡିଶାର ପାଣି ନେଉଥିବା କମ୍ପାନୀ ସ୍ଥାନୀୟ ଲୋକଙ୍କୁ ଚାକିରୀ ଦେଉ ନାହିଁ। ଯେଉଁ ଲୋକ ମାନେ ନିଜର ଜମିକୁ ଦେଇଛନ୍ତି ତାଙ୍କର ପରିବାର ଲୋକ ମାନଙ୍କୁ ମଧ୍ୟ ଚାକିରୀ ଦିଆ ଯାଉ ନାହିଁ । ଏହି ପ୍ରସଙ୍ଗରେ ସ୍ଥାନୀୟ ଅଂଚଳରେ ବାରମ୍ବାର ଆନ୍ଦୋଳନ ହେଉଛି । ଲୋକ ମାନଙ୍କ ମଧ୍ୟରେ ଆକ୍ରୋଶ ରହିଛି । ଯଦି ସ୍ଥାନୀୟ ଲୋକଙ୍କୁ ଚାକିରୀ ନ ଦିଆ ଯାଏ ତେବେ ଆଗାମୀ ଦିନରେ ରକ୍ତପାତ ହେବାର ଆଶଙ୍କା ରହିଛି । ତେଣୁ ଏହି ମାମଲାରେ ବାଚସ୍ପତି ରୁଲିଂ ପ୍ରଦାନ କରନ୍ତୁ ବୋଲି ସେ ଦାବି କରିଥିଲେ।

## ରାଜ୍ୟରେ ଏବେ ବି ୧୦୨୧୬ ଶିଶୁ ବିଦ୍ୟାଳୟ ବାହାରେ

ଭୁବନେଶ୍ୱର,(ପିଏନ)- ରାଜ୍ୟର ୩୦ଟି ଜିଲ୍ଲାରେ ଏବେ ବି ୬ରୁ ୧୪ ବର୍ଷ ବୟସର ୧୦ ହଜାର ୨୧୬ ଶିଶୁ ବିଦ୍ୟାଳୟ ବାହାରେ। ବିଦ୍ୟାଳୟ ବାହାରେ ଥିବା ଏହି ଶିଶୁଙ୍କ ମଧ୍ୟରେ ୫୩୨୫ଜଣ ବାଳକ ଥିବାବେଳେ ୪୮୯୧ଜଣ ବାଳିକା ରହିଛନ୍ତି। ବୁଧବାରଦିନ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାସ।

ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ମୋହନଚରଣ ମାଝୀଙ୍କ ସରକାରୀ ସ୍କୁଲରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ସମ୍ପର୍କିତ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ବିଦ୍ୟାଳୟରୁ ଅଧାରୁ ପାଠ ଛାଡୁଥିବା ପିଲାଙ୍କର ବିଭିନ୍ନ କାରଣ ମଧ୍ୟରୁ ଗୃହକାର୍ଯ୍ୟ, ସାମାଜି ଓ ଆଂଚଳିକ କାରଣ, ଛୋଟ ପିଲାଙ୍କର ଲାଳନପାଳନ, କିଶୋରୀ ଅବସ୍ଥା ଇତ୍ୟାଦି ମୁଖ୍ୟ କାରଣ ବୋଲି କହିଛନ୍ତି। ଏହିପରି ସରକାରୀ ବିଦ୍ୟାଳୟରେ ପିଲାଙ୍କ ନାମଲେଖା ସଂଖ୍ୟା ମଧ ହ୍ରାସ ପାଇଥିବାବେଳେ ଘରୋଇ ବିଦ୍ୟାଳୟରେ ନାମଲେଖା ସଂଖ୍ୟା ବୃଦ୍ଧି ପାଇଛି। ୨୦୦୯-୧୦ରେ ସରକାରୀ ଓ ସରକାରୀ ଅନୁଦାନପ୍ରପ୍ତ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷାରେ ନାମଲେଖା ଶିଶୁଙ୍କ ସଂଖ୍ୟା ଥିଲା ୫୯୪୯୨। ଏହି ବର୍ଷ ଘରୋଇ ବିଦ୍ୟାଳୟରେ ନାମଲେଖା ସଂଖ୍ୟାଥିଲା ୪୯୮୪। ୨୦୧୮-୧୯ରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷାରେ ନାମଲେଖା ଶିଶୁଙ୍କ ସଂଖ୍ୟା ଥିଲା ୫୭୮୮୦ ଏବଂ ଘରୋଇ ତଥା ଅନ୍ୟାନ୍ୟ ବିଦ୍ୟାଳୟରେ ନାମଲେଖା ଶିଶୁଙ୍କ ସଂଖ୍ୟା ଥିଲା ୬୪୪୭। ୨୦୦୯-୧୦ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ନାମଲେଖା ଶିଶୁଙ୍କ ନାମଲେଖା ଥିଲା ସରକାରୀ ବିଦ୍ୟାଳୟରେ ୫୬୧୭୦୭୮। ଘରୋଇ ବିଦ୍ୟାଳୟରେ ଏହି ଶିଶୁଙ୍କ ସଂଖ୍ୟା ଥିଲା ୫୭୧୨୫୬। ୨୦୧୮-୧୯ରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ନାମଲେଖାଉଥିବା ଶିଶୁଙ୍କ ସଂଖ୍ୟା ଥିଲା ୪୫୮୩୨୪୫। ଅନ୍ୟପକ୍ଷରେ ଘରୋଇ ତଥା ଅନ୍ୟାନ୍ୟ ବିଦ୍ୟାଳୟରେ ଏହି ନାମଲେଖାଇଥିବା ଶିଶୁଙ୍କ ସଂଖ୍ୟା ଥିଲା ୧୧୦୫୩୦୬। ରାଜ୍ୟରେ ଶିକ୍ଷା ଅଧିକାର ଆଇନ ୨୦୦୯ରୁ କାର୍ଯ୍ୟକାରୀ ହେଉଛି। ଏହାବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଖାଦ୍ୟ, ପୋଷାକ, ପୁସ୍ତିକା ଯୋଗାଇ ଦିଆଯାଉଛି। କିନ୍ତୁ ବିଦ୍ୟାଳୟ ବାହାରେ ଏବେବି ୧୦ ହଜାରରୁ ଅଧିକ ଶିଶୁ ରହିବା ଚିନ୍ତାର ବିଷୟ। ସରକାର ବିଦ୍ୟାଳୟର ଭିତିଭୂମି ସଜାଡୁଛନ୍ତି, କିନ୍ତୁ ସରକାରୀ ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ହ୍ରାସ ପାଇବା ଚିନ୍ତାର କାରଣ ବୋଲି ଶ୍ରୀ ମାଝୀ ମତ ଦେବା ସହ ଏ ସମ୍ପର୍କରେ ସମୀକ୍ଷା କରିବାକୁ ଗୁରୁତ୍ୱାରୋପ କରିଛନ୍ତି।

## ଗବେଷଣା ନିମନ୍ତେ ଅଧିକ ବ୍ୟୟ ହେବା ଆବଶ୍ୟକ

ଭୁବନେଶ୍ୱର, (ପିଏନ)- ଗବେଷଣାଲବ୍ଧ ଜ୍ଞାନ ଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ଅଭିବୃଦ୍ଧି ସହିତ ପ୍ରଗତି ହାସଲ କରିହେବ। ଅର୍ଥନୀତିର ବିକାଶରେ ଗବେଷଣାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଥିବାରୁ ଏ ଦିଗରେ ଅଧିକ ବ୍ୟୟ ହେବା ଆବଶ୍ୟକ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି ।

ଆଜି କୃଷିଭବନରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନାରେ ଯୁବଗବେଷକମାନଙ୍କୁ ସିଡ୍ ଫଣ୍ଡିଂ ଓ ରିସର୍ଚ୍ଚ ଫେଲୋସିପ୍ ପ୍ରଦାନ ଅବସରରେ ମନ୍ତ୍ରୀ ଡ. ସାହୁ କହିଲେ ଯେ ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ ଏବଂ ଚୀନ୍ ଭଳି ବିକଶିତ ଦେଶଗୁଡ଼ିକରେ ଘରୋଇ ଜିଡ଼ିପିର ୨.୨୫ରୁ ଅଧିକ ଅର୍ଥ ଗବେଷଣା ନିମନ୍ତେ ଖର୍ଚ୍ଚ କରାଯାଉଥିବାବେଳେ ଭାରତବର୍ଷରେ ଜିଡିପିର ୦.୬୨ ପ୍ରତିଶତ ଗବେଷଣା ନିମନ୍ତେ ଖର୍ଚ୍ଚ କରାଯାଉଛି । ସେହିପରି ଏହିସବୁ ଦେଶ ତୁଳନାରେ ଭାରତରେ କମ୍ ସଂଖ୍ୟକ ଲୋକ ଗବେଷଣା କାର୍ଯ୍ୟରେ ନିୟୋଜିତ ଅଛନ୍ତି । କେବଳ ଉଚ୍ଚତର ଗବେଷଣା ମାଧ୍ୟମରେ ଯେକୌଣସି କ୍ଷେତ୍ରରେ ପାରଦର୍ଶିତା ହାସଲ କରିହେବ ବୋଲି ମନ୍ତ୍ରୀ ଡ. ସାହୁ ଆଶାପ୍ରକଟ କରିଛନ୍ତି ।

ଗବେଷଣାଲବ୍ଧ ଜ୍ଞାନ ଓ ଅଭିନବ ଜ୍ଞାନକୌଶଳ ଉଦ୍ଭାବନ ସିଧାସଳଖ ଅର୍ଥନୀତିର ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ । ଏଥି ନିମନ୍ତେ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧିକରୁ ଅଧିକ ଗବେଷଣା ନିମନ୍ତେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନାରେ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ତେଣୁ ସମୟ ସହିତ ତାଳଦେଇ ଅଧିକରୁ ଅଧିକ ବିଦ୍ୟାର୍ଥୀ ଗବେଷଣା ପ୍ରତି ଆଗ୍ରହୀ ହେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ ।

ଏହି ଯୋଜନା ଅନ୍ତର୍ଗତ ସିଡ୍ ଫଣ୍ଡିଂରେ ଉଚ୍ଚଶିକ୍ଷା ବିଭାଗରେ କାଯର୍‌ୟରତ ୪୦ ବର୍ଷରୁ କମ ବୟସର ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ଏବଂ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କୁ ଗବେଷଣା ନିମନ୍ତେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆ ।ଯାଉଛି ।

ପ୍ରତିବର୍ଷ ଏହି ଯୋଜନାରେ ୪୦ ଜଣ ଅଧ୍ୟାପକଅଧ୍ୟାପିକାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସେହିପରି ରିସର୍ଚ୍ଚ ଫେଲୋସିପ୍ କାର୍ଯ୍ୟକ୍ରମରେ ଏନ୍‌ଇଟିରେ କୃତକାଯର୍‌ୟଙ୍କୁ ଗବେଷଣା ନିମନ୍ତେ ମାସିକ ୧୫ ହଜାର ଟଙ୍କାର ଅର୍ଥିକ ସହାୟତା ୪ ବର୍ଷ ନିମନ୍ତେ ଯୋଗାଇ ଦିଅଯିବ । ଏଥି ସହିତ କଂଟିଜେନ୍ସି ବାବଦକୁ ବିଜ୍ଞାନରେ ବର୍ଷକୁ ୨୫ ହଜାର ଟଙ୍କା ଏବଂ କଳା ଅଦି ବିଭାଗ ନିମନ୍ତେ ୧୫ ହଜାର ଟଙ୍କା ଯୋଗାଇ ଦିଆଯିବ । ସେମାନେ ବିଶ୍ୱବିଦ୍ୟାଳୟ ଅଧୀନରେ ପୂର୍ଣ୍ଣକାଳୀନ ବିଦ୍ୟାର୍ଥୀ ଭାବେ ସେମାନଙ୍କର ଗବେଷଣା କାର୍ଯ୍ୟ କରିବେ । ଆଜିର କାର୍ଯ୍ୟକ୍ରମରେ ସିଡ୍ ଫଣ୍ଡିଂରେ ୪୦ ଜଣ ଅଧ୍ୟାପକଅଧ୍ୟାପିକା ଓ ରିସର୍ଚ୍ଚ ଫେଲୋସିପ୍‌ରେ ୧୩ ଜଣଙ୍କୁ ଅନୁମୋଦନ ପତ୍ର ଦିଆଯାଇଥିଲା ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଏହି ଅଭିନବ ଯୋଜନା ସଂପର୍କରେ ଆଲୋଚନା କରିବା ଅବସରରେ କହିଲେ ଯେ ଏହି ଯୋଜନା ଯୋଗୁଁ ରାଜ୍ୟରେ ଅଧିକ ବିଦ୍ୟାର୍ଥୀ ଗବେଷଣା ପ୍ରତି ଆଗ୍ରହ ପ୍ରକାଶ କରିବେ । ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର କହିଲେ ଯେ ଏହି ଯୋଜନା ପ୍ରଣୟନ ଫଳରେ ଓଡ଼ିଶା ଏକମାତ୍ର ରାଜ୍ୟ ଯିଏ ସିଧାସଳଖ ଗବେଷଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଚୟନ ସମିତିର ସଭ୍ୟ ପ୍ରଫେସର ଶିବପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବିଶ୍ୱବିଦ୍ୟାଳୟର ମାନକ ନିର୍ଦ୍ଧାରଣରେ ଗବେଷଣାକୁ ପ୍ରାଧାନ୍ୟ ଦିଆ ।ଯାଉଥିବାରୁ ବିଶ୍ୱବିଦ୍ୟାଳୟଗୁଡ଼ିକ ଗବେଷଣା ଦିଗରେ ଅଧିକ ବ୍ରତୀ ହେବା ଆବଶ୍ୟକ । ପରିଶେଷରେ ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ସଚିବ ଶ୍ରୀ ସିଦ୍ଧାର୍ଥ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।










# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ।ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ


**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।


**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।


**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।


**କର୍କଟ** — ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।


**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।


**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।


**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।


**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।


**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।


**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିରେ ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## ‘କର୍ଫି’ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢ଼ାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢ଼ିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ । -ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟାଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




## ନ୍ୟୁରୋଜେନ୍ ବିଏସ୍ଆଇ ପକ୍ଷରୁ ଝାରସୁଗୁଡ଼ାରେ ଆସନ୍ତା ଡିସେମ୍ବର ୨୧ ତାରିଖରେ ସମସ୍ତ ନ୍ୟୁରୋଲୋଜିକାଲ ପୀଡିତ ରୋଗୀଙ୍କ ପାଇଁ ଏକ ମାଗଣା ଶିବିର

ଝାର୍‌ସୁଗୁଡା: ଭାରତର ଅଗ୍ରଣୀ ନ୍ୟୁରୋ ରିଜେନେରେଟିଭ୍ ରିହାବିଲିଟେସନ ଥେରାପି ସେଣ୍ଟର ମଧ୍ୟରୁ ଅନ୍ୟତମ ମୁମ୍ବାଇସ୍ଥିତ ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ୍ ସ୍ପାଇନ୍ ଇନ୍‌ଷ୍ଟିଚ୍ୟୁଟ୍ (ବିଏସ୍ଆଇ) ଅଟିଜିମ୍, ସେରେବ୍ରାଲ ପାଲ୍‌ସି, ମସ୍କ୍ୟୁଲାର ଡାଇଷ୍ଟ୍ରୋଫି, ମେଣ୍ଟାଲ ରିଟାର୍ଡେସନ୍, ମୋଟର ନ୍ୟୁରୋନ୍ ଡିଜିଜ୍, ସ୍ପାଇନାଲ କର୍ଡ ଇନ୍‌ଜ୍ୟୁରୀ, ସେରେବେଲାର ଆଟାକ୍ସିଆ, ହେଡ୍ ଇନ୍‌ଜ୍ୟୁରୀ, ଷ୍ଟ୍ରୋକ୍, ଡିମେନ୍‌ସିଆ, ମଲ୍‌ଟିପୁଲ କ୍ଲେରୋସିସ୍ ଓ ନ୍ୟୁରୋସାଇକ୍ରିୟାଟିକ୍ ଡିସୋର୍ଡର ଭଳି ଅସାଧ୍ୟ ସ୍ନାୟୁ ସମ୍ବନ୍ଧିତ ରୋଗ ଗୁଡିକରେ ପୀଡିତ ରୋଗୀମାନଙ୍କୁ ବଞ୍ଚିବାର ନୂଆ ଆଶା ପ୍ରଦାନ କରୁଛି। ନ୍ୟୁରୋଜେନ୍ ବିଏସ୍ଆଇକୁ ଅସାଧ୍ୟ ସ୍ନାୟୁ ସମ୍ବନ୍ଧିତ ରୋଗରେ ପୀଡିତ ରୋଗୀମାନଙ୍କୁ ସାହାଯ୍ୟ କରିବା ପାଇଁ ସ୍ଥାପନ କରାଯାଇଛି। ଏଠାରେ ରୋଗୀମାନେ ଏକ ସୁରକ୍ଷିତ ଓ ପ୍ରଭାବୀ ଉପାୟରେ ଷ୍ଟେମ୍ ସେଲ୍ ଥେରାପିର ଉପଯୋଗ କରି ରୋଗର ଲକ୍ଷଣ ଓ ଶାରିରୀକ ଅକ୍ଷମତାରୁ ମୁକ୍ତି ପାଇପାରିବେ। ବର୍ତ୍ତମାନ ସୁଦ୍ଧା ଏହି ସଂସ୍ଥା ୬୫ରୁ ଅଧିକ ଦେଶର ପ୍ରାୟ ୯୦୦୦ରୁ ଅଧିକ ରୋଗୀଙ୍କୁ ସଫଳତାର ସହ ଚିକିତ୍ସା ପ୍ରଦାନ କରିଛି।

ଆଜି ନ୍ୟୁରୋଜେନ୍ ଓଡିଶାର ଦୁଇଟି ସଫଳ କେସ୍ ଷ୍ଟଡିକୁ ଏଠାରେ ଉପସ୍ଥାପନ କରିଛି। ଉଭୟ ରୋଗୀଙ୍କର ବୟସ ପାଖାପାଖି ୪୦ ବର୍ଷ ହେବ; ଏହି ଆକସ୍ମିକ ସ୍ନାୟୁରୋଗ ସେମାନଙ୍କୁ ପଙ୍ଗୁ କରିବା ପୂର୍ବରୁ ସେମାନେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଥିଲେ। କିନ୍ତୁ ଏହି ରୋଗ ଯୋଗୁଁ ସେମାନେ ନିଜର କାର୍ଯ୍ୟାତ୍ମକ ସ୍ୱାଧୀନତା ହରାଇ ବସିଥିଲେ; ଏହା ତାଙ୍କର ଚାଲିବା କ୍ଷମତା ଓ ଅନ୍ୟ ଦୈନନ୍ଦିନ କାର୍ଯ୍ୟକୁ ପ୍ରଭାବିତ କରିଥିଲା। ଦୁଇ ଯୁବକ ସଂକ୍ରମିତ ହୋଇଥିବା ଏହି ସ୍ନାୟୁ ସମ୍ବନ୍ଧିତ ରୋଗର ବିଶ୍ୱରେ କୌଣସି ଚିକିତ୍ସା ଉପଲବ୍ଧ ନାହିଁ; ତେଣୁ ଏହାକୁ ଅସାଧ୍ୟ ସ୍ନାୟୁରୋଗ କୁହାଯାଇଥାଏ। କିନ୍ତୁ ନ୍ୟୁରୋଜେନ୍ ଏହା ଘୋଷଣା କରି ଖୁସି ଅନୁଭବ କରୁଛି ଯେ, ଏହାର ନ୍ୟୁରୋ ରିଜେନେରେଟିଭ୍ ରିହାବିଲିଟେସନ୍ ଥେରାପି ମାଧ୍ୟମରେ ଦୁଇ ଯୁବକ ପୁଣିଥରେ ନିଜ ଗୋଡରେ ଚାଲିବାକୁ ଏବଂ ସାଧାରଣ ଜୀବନ ବଞ୍ଚିବାକୁ ସକ୍ଷମ ହୋଇପାରିଛନ୍ତି।

ଏହି କାରଣରୁ ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଆସନ୍ତା ଡିସେମ୍ବର ୨୧ ତାରିଖରେ ଝାରସୁଗୁଡ଼ାରେ ସମସ୍ତ ସ୍ନାୟୁରୋଗରେ ପୀଡିତ ରୋଗୀମାନଙ୍କ ପାଇଁ ଏକ ମାଗଣା ୱର୍କସପ୍ କମ୍ ଓପିଡି କନ୍‌ସଲ୍‌ଟେସନ କ୍ୟାମ୍ପର ଆୟୋଜନ କରାଯିବ। ରୋଗୀମାନଙ୍କ ସୁବିଧା ପାଇଁ ଏହି ଶିବିରର ଆୟୋଜନ କରାଯିବ କାରଣ ସ୍ପାଇନାଲ କର୍ଡ ଇନ୍‌ଜ୍ୟୁରୀ, ମସ୍କୁଲାର ଡାଇଷ୍ଟ୍ରୋଫି, ଅଟିଜିମ୍, ସେରେବ୍ରାଲ ପାଲ୍‌ସି ଭଳି ରୋଗରେ ପୀଡିତ ରୋଗୀମାନଙ୍କ ପାଇଁ ଚିକିତ୍ସା ନିମନ୍ତେ ମୁମ୍ବାଇ ଗସ୍ତ କରିବା ଅତ୍ୟନ୍ତ କଷ୍ଟକର ହେବ ବୋଲି ନ୍ୟୁରୋଜେନ୍ ବିଚାର କରୁଛି। ଏହି ଅସାଧ୍ୟ ରୋଗଗୁଡିକରେ ପୀଡିତ ଥିବା ରୋଗୀମାନେ ଏହି ମାଗଣା ଶିବିରରେ ଯୋଗ ଦେବା ପାଇଁ ଆପଏଣ୍ଟମେଣ୍ଟ ଲାଗି ପୁଷ୍କଳା ୦୯୮୨୧୫୨୯୬୫୩/ ୦୯୯୨୦୨୦୦୪୦୦ ନମ୍ବରରେ ଯୋଗାଯୋଗ କରିପାରିବ।

## ବିକ୍ରମତିରଣ ପଞ୍ଚାୟତ ଉପନିର୍ବାଚନ ଅନୁଷ୍ଠିତ

ବାଲିଚନ୍ଦ୍ରପୁର (ପିଏନ)- ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତରିଣ ଗ୍ରାମପଞ୍ଚାୟତର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ଜ୍ୟୋସ୍ନାମୟୀ ନାୟକ, ଉପେନ୍ଦ୍ର ଧଳ, ଉଜ୍ଜଳି ଧଳ, ଅଶ୍ୱିନି ବିବି ଏବଂ ଅସ୍ରଫୁଲ ହୋଦା ପ୍ରମୁଖ ୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଆଜି ସକାଳ ୭ ଟାରୁ ୧୨ଟା ପର୍ଯ୍ୟନ୍ତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ଭୋଟ୍ ଗ୍ରହଣ କରାଯାଇଥିଲା। ଏହି ପଞ୍ଚାୟତର ସମୁଦାୟ ୨୧୧୦ ଭୋଟରଙ୍କ ମଧ୍ୟରୁ ୧୧୮୮ ଭୋଟର ମତ ଦାନ କରିଥିଲେ। ଆସନ୍ତା କାଲି ୨୮-୧୧-୨୦୧୯ ତାରିଖରେ ଭୋଟ୍ ଗଣତି ବ୍ଲକ କାର୍ଯ୍ୟାଳୟରେ ହେବ ବୋଲି ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି ସୂଚନା ଦେଇଛନ୍ତି। ଏହି ନିର୍ବାଚନରେ ଆଇନ୍ ଶୃଙ୍ଖଳା ନିମିତ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ଥିବା ଥାନା ଅଧିକାରୀ ସୁକାନ୍ତ ପାତ୍ରଙ୍କଠାରୁ ପ୍ରକାଶ। ଏହି ଉପନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। ପ୍ରକାଶ ଥାଉ କି ଗତ ପଞ୍ଚାୟତ ନିର୍ବାଚନରେ ଏହି ପଞ୍ଚାୟତର ସରପଞ୍ଚ ବୀରକିଶୋର ଧଳଙ୍କ ହୃଦ୍‌ଘାତରେ ପରଲୋକ ହୋଇଥିବା ହେତୁ ଏଠାରେ ଉପନିର୍ବାଚନ ହୋଇଥିଲା।

## ଭିନ୍ନକ୍ଷମ ଆୟୋଗ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର(ପିଏନ)- ଆଜି ପୂର୍ବାହ୍ନରେ ରାଜ୍ୟ ଭିନ୍ନକ୍ଷମ ଆୟୋଗ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ଏକ ଏକଦିବସୀୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମ ଆୟୋଗର ଆୟୁକ୍ତ ଶ୍ରୀମତୀ ସୁଲୋଚନା ଦାସ ଯାହା ସବୁ ସରକାରୀ ଯୋଜନା ଭିନ୍ନକ୍ଷମମାନଙ୍କ ଲାଗି କାର୍ଯ୍ୟକାରୀ କରାଯାଉଛି ତାର ସୁଫଳ କିପରି ସେହି ବର୍ଗର ଲୋକେ ପାଇ ପାରିବେ ସେଥିପାଇଁ ସୁଯୋଗ ସୃଷ୍ଟି କରିବାକୁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ ଭିନ୍ନକ୍ଷମମାନଙ୍କ ଅଧିକାର ପ୍ରତି ଅନ୍ୟମାନେ ସାମାନ୍ୟ ସମ୍ବେଦନଶୀଳ ହେବା ହିଁ ଅନେକ ପରିବର୍ତ୍ତନର ସୂତ୍ରପାତ କରିପାରିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। କେବଳ ଆଜନ୍ମ ନୁହଁ, ମଣିଷ କୌଣସି ମୂହୁର୍ତରେ ମଧ୍ୟ ଭିନ୍ନକ୍ଷମ ହୋଇପାରେ ତେଣୁ ଆମେ ସେହି ଦୃଷ୍ଟିଭଙ୍ଗୀ ରଖି ଏହି ବର୍ଗର ଉନ୍ନତି କଳ୍ପେ ସର୍ବଦା ଚେଷ୍ଟିତ ହେବାକୁ ବୈଠକରେ ସେ ସମ୍ବୋଧିତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ଷଡଙ୍ଗୀ ବିଦ୍ୟାଳୟଗୁଡିକରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପରିସଂଖ୍ୟାନ ଉପସ୍ଥାପନ କରି ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଗୃହକୁ ଅବଗତ କରିଥିଲେ। ଚଳିତ ବର୍ଷ ଶିବିର ଆୟୋଜନ ମାଧ୍ୟମରେ ସମଗ୍ର ଜିଲ୍ଲାରେ ୧୨୦୯ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଲିମ୍‌କୋ ତରଫରୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ତଥା ସହଯୋଗୀ ଉପକରଣ ଯୋଗାଇ ଦେବାକୁ ପ୍ରସ୍ତାବ ରଖାଯାଇଥିବା ସେ କହିଥିଲେ। ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପରାମର୍ଶଦାତା ଶ୍ରୀ ପି.ଆର.ଦାସ ଭିନ୍ନକ୍ଷମମାନଙ୍କ ଅଧିକାର ଅଧିନିୟମ-୨୦୧୬ ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ପ୍ରଣୀତ ବିଭିନ୍ନ ସରକାରୀ ଯୋଜନା ସଂପର୍କରେ ଆଲୋକ ବିନ୍ଦୁ ଜରିଆରେ ଗୃହରେ ଉପସ୍ଥାପନ କରିଥିଲେ। ଭିନ୍ନକ୍ଷମମାନଙ୍କୁ ଘରୋଇ ବସରେ ମାଗଣା ଯାତ୍ରା ନିମନ୍ତେ ଦୁଇଟା ସିଟ୍ ପ୍ରାବଧାନ,ରେଳଗାଡିରେ ଭିନ୍ନକ୍ଷମ ପାଇଁ ସ୍ୱତନ୍ତ୍ର ବର୍ଥ ବ୍ୟବସ୍ଥା, ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ବ୍ୟାଙ୍କ ପାସ୍‌ବୁକ୍ ଖୋଲିବା ନେଇ ଯେଉଁ ସବୁ ସମସ୍ୟା ରହିଛି ତା ଉପରେ ଆଲୋଚନା କରାଯାଇ ଏ ସବୁ ସମସ୍ୟାର ସମାଧାନ ନିମନ୍ତେ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ଆୟୁକ୍ତ ପ୍ରତିଶ୍ରୁତି ଦେଇଥିଲେ। ପରେ ଉପସ୍ଥିତ ସଭ୍ୟସଭ୍ୟାମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ରଖାଯାଇ ସେମାନଙ୍କ ମନରେ ଥିବା ସନ୍ଦେହ ମୋଚନ କରାଯାଇଥିଲା। ତେବେ ସମସ୍ତଙ୍କୁ ଏହି ଅଧିନିୟମକୁ ଥରେ ଅଧ୍ୟୟନ କରିବାକୁ ପରାମର୍ଶ ଦିଆଯାଇଛି। 'ଲରେ ଏଥିରେ ବର୍ଣ୍ଣିତ ବହୁ ଉପାଦେୟ ଏବଂ ଯୁଗପଯୋଗୀ ଅଧିକାର ଏବଂ ଆଇନକାନୁନ ସଂପର୍କରେ ଅବଗତ ହୋଇପାରିବେ ବୋଲି ଅନୁରୋଧ କରାଯାଇଥିଲା। ବୈଠକରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ, ଅତିରିକ୍ତ ଏସପି ଶ୍ରୀ ଗୋବିନ୍ଦ ସେଠୀ ମଂଚାସୀନ ଥିବା ବେଳେ ବହୁ ସଂଖ୍ୟାରେ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସାମ୍ବାଦିକ, ବିଭିନ୍ନ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥାର ପରିଚାଳକ ତଥା ବିଭିନ୍ନ ଭିନ୍ନକ୍ଷମ ନିମନ୍ତେ ବିଦ୍ୟାଳୟର ଅଧ୍ୟକ୍ଷ, ପ୍ରଧାନଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ସାବତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରାଣୀପାଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ପରିଚାଳକ ଶ୍ରୀ ଦିବାକର ସ ଏବଂ ସ୍ୱେଚ୍ଛାସେବୀ ଶ୍ରୀ ଗୋପାଳ କର ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

## ରାମେଶ୍ୱର ସାହିତ୍ୟ ସଂସଦର ସ୍ୱତନ୍ତ୍ର ଆଲୋଚନା

ଭଦ୍ରକ, (ପିଏନ)- ରାମେଶ୍ୱର ସାହିତ୍ୟ ସଂସଦର ସ୍ୱତନ୍ତ୍ର ଆଲୋଚନାଚକ୍ର ରାନ୍ଦିଆ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଡ. ବଳରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରମୋଦ କୁମାର ସ୍ୱାଇଁ ମଂଚ ଆହ୍ୱାନ କରିବା ସହ ଅତିଥି ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ସଭ୍ୟ ପ୍ରଫେସର ଡ. ଶଶଧର ଦାସଙ୍କୁ ସ୍ୱାଗତ କରିଥିଲେ। ସହ ସଂପାଦକ ଦୁଃଶାସନ ଗାହାଣ ପୂର୍ବ ଆଲୋଚନା କରି ବିବରଣୀ ପାଠ କରିଥିଲେ। ସଭାପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ବକ୍ତା ଡ. ଦାସ 'ଶବ୍ଦ-ଦର୍ପଣ' ଉପରେ ଏକ ମୌଳିକ ଗବେଷଣା ଧର୍ମୀ ଆଲୋଚନା କରିଥିଲେ। ଜଣେ ଉଚ୍ଚକୋଟୀର କଳ୍ପନାଶୀଳ ବ୍ୟକ୍ତି ଶବ୍ଦଟିଏ ଚୟନ କରିବାରେ ବହୁ ସମୟ ନିମଗ୍ନ ରହିପାରେ କାରଣ ସେ ବୁଝନ୍ତି ଯେ ଶବ୍ଦ ଯୋଡି ପରେ, ଫେଡିପାରେ - ଶବ୍ଦ ସତ୍ୟ, ଶବ୍ଦ ସୁନ୍ଦର। ଉପଯୁକ୍ତ ଶବ୍ଦଟିଏ ଚୟନ ନକରି କବିତା ହେଉ ବା ପ୍ରବନ୍ଧ ହେଉ ସୃଷ୍ଟି କଲେ ତାହା ହୁଏତ ଭାବ ଓ ଭାଷା ମଧ୍ୟରେ ଦୂରତ୍ୱ ବଢାଇ ଦେଇପାରେ, ସୃଜନ ସୃଷ୍ଟିର ସ୍ଥାୟୀମାନ ନିରୂପଣ କରିବା ଅସମ୍ଭବ ହୁଏ ସ ପାଠକ ଭ୍ରମର ଶୀକାର ହୁଏ। ତେଣୁ ଶବ୍ଦ ଚୟନର ନିପୁଣତା ଏକ ଅଲୌକିକ ପ୍ରତିଭା ଯାହା ବ୍ୟକ୍ତି ଚେତନାକୁ ସାର୍ବଜନୀନ ଚେତନାରେ ପରିଣତ କରିବାରେ ଦାର୍ଶନିକତା ହାସଲ କରେ ଓ ପ୍ରଭାବଶାଳୀ ମଧ୍ୟ ହୁଏ। ଶବ୍ଦ ଭାବର ଦର୍ପଣ। ରାଧାନାଥ, ଲକ୍ଷ୍ମୀକାନ୍ତ, ସଚ୍ଚି ରାଉତ ରାୟ, ମାୟାଧର ମାନସିଂଙ୍କ କବିତାରେ ଓ ଫକୀର ମୋହନ ସେନାପତିଙ୍କ ଗଳ୍ପ ଓ ଉପନ୍ୟାସରେ ଶବ୍ଦ ଚୟନ ଓ ଶବ୍ଦର ଉପଯୁକ୍ତ ପ୍ରୟୋଗ କେବଳ ଯେ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛି ତାହା ନୁହେଁ ବରଂ ସେମାନଙ୍କର ସୃଷ୍ଟିକୁ କାଳ ଗିଳିପାରୁନାହିଁ କି ଗିଳିପାରିବ ନାହିଁ ବୋଲି ଅତିଥି ଡ. ଦାସ ଉଦାହରଣ ସହ ବ୍ୟାଖ୍ୟା କରିଥିଲେ। ସୃଜନ ସ୍ରଷ୍ଟା ଯେତେବେଳେ ସୂକ୍ଷ୍ମ ଚେତନାରେ ହଜି ଯାଇଥାଆନ୍ତି, ସେତେବେଳେ ଶବ୍ଦ ବ୍ରହ୍ମରୁ ଆବିଷ୍କୃତ କିଛି ଶବ୍ଦର ଆତ୍ମା ସହିତ ସ୍ରଷ୍ଟା ମିଶିଯାଆନ୍ତି। ସେତେବେଳେ ଶବ୍ଦ ଗୁଡିକ ଆମ ଭାବର ଦର୍ପଣ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଯେକୌଣସି କବିତାର ସୌନ୍ଦର୍ଯ୍ୟ ବିଧାନ କାବ୍ୟଭାଷାର ସୁନ୍ଦର ପ୍ରୟୋଗ ଓ ଶବ୍ଦ ଚୟନର ନିପୁଣତା ଉପରେ ନିର୍ଭର କରେ ବୋଲି ଅତିଥି ମତ ରଖିଥିଲେ।

ପ୍ରଶ୍ନୋତର କାର୍ଯ୍ୟକ୍ରମରେ ମୋହିନୀ ମୋହନ ମହାପାତ୍ର, ଶିକ୍ଷାବିତ୍ ବଳରାମ ପାଣିଗ୍ରାହୀ, ଜଗବନ୍ଧୁ ଦାଶ, ଡ. ରାଇମୋହନ ମହାପାତ୍ର, ପଣ୍ଡିତ ରତ୍ନାକର ମିଶ୍ର, ଦୁର୍ଯ୍ୟୋଧନ ଖୁଂଟିଆ ପ୍ରମୁଖ ସଭ୍ୟ ଅଂଶଗ୍ରହଣ କରିଥିଲେ। ସଭ୍ୟ ଅରୁଣ କୁମାର ସାହୁ, ସୌମ୍ୟକାନ୍ତ ଉପାଧ୍ୟାୟ, ଅନନ୍ତ ଚନ୍ଦ୍ର ଖୁଣ୍ଟିଆ, ଗୋକୁଳାନନ୍ଦ ରାଉତ, ଗୋପାଳ ଚରଣ ମୁଖୀ, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ସଭ୍ୟ ଆସନ୍ତା ଆଲୋଚନା ଚକ୍ରରେ ଶିଶୁ ସାହିତ୍ୟ ଉପରେ ଆଲୋଚନା କରିବା ପାଇଁ ମତ ରଖିଥିଲେ। ସମ୍ମାନିତ ବକ୍ତା କବି କିଶୋର ପାଣିଗ୍ରାହୀ ଶବ୍ଦର ଉଚ୍ଚାରଣର ଗୁରୁତ୍ୱ ତଥା ବସ୍ତୁଜଗତ ଓ ପ୍ରକୃତି କିଭଳି ମାନବିକ ସ୍ଥିତିର ପ୍ରତିନିଧିତ୍ୱ କରିପାରେ ଉଦାହରଣ ସ୍ୱରୂପ ବୁଝାଇଥିଲେ। କବି ମୋହିନୀ ମୋହନ ମହାପାତ୍ର ଓ କୃଷ୍ଣଚନ୍ଦ୍ର ରାଉଳ ସଭା ପରିଚାଳନା କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ ଯୁଗ୍ମ ସଂପାଦକ ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ଯୁବକଙ୍କ ଅକାଳ ବିୟୋଗ

ବାଲିଚନ୍ଦ୍ରପୁର (ପିଏନ)-ବଡ଼ଚଣା ବ୍ଲକ ବରଦା ପଞ୍ଚାୟତ ଗ୍ରାମର କାର୍ତ୍ତିକ ଚନ୍ଦ୍ର ଦାସ (୩୮) ଓ ଗରୁଡ଼ ଚରଣ ରାଉତ (୪୬) ଙ୍କର ପରଲୋକ ହୋଇଯାଇଛି। କାର୍ତ୍ତିକ ଉଚ୍ଚ ରକ୍ତ ଚାପ ରୋଗରେ ପୀଡ଼ିତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। କିନ୍ତୁ ଅପରାହ୍ନ ୨ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଗରୁଡ଼ କର୍କଟ ରୋଗରେ ପୀଡ଼ିତ ହୋଇ କଟକ ବଡ଼ ମେଡ଼ିକାଲ ରେ ଚିକିତ୍ସିତ ହେଉଥିଲେ। ତାଙ୍କର ମଧ୍ୟ ସେହିଠାରେ ମୃତ୍ୟୁ ହୋଇଥିଲା। ଏହି ଦୁଇ ଯୁବକ ପାଖ ପଡ଼ୋଶୀ ଥିଲେ। ଏମାନଙ୍କ ବିୟୋଗରେ ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ସାଂସଦ ମୋହନ ଜେନା, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ଦମୟନ୍ତୀ ସାମଲ, ସମିତିସଭ୍ୟା ତପସ୍ୱନୀ ବାରିକ, ସରପଞ୍ଚ ନିରୂପମା ଭୂୟାଁ, ୱାର୍ଡ଼ ସଭ୍ୟ ସନ୍ତୋଷ ରାଉତ, ଫକୀର ମୋହନ ପାତ୍ର, ବୀର କିଶୋର ଦାସ, ରମାକାନ୍ତ ମହାନ୍ତି, ମନୋଜ ମହାନ୍ତି, ରଘୁନାଥ ନାୟକ, ପ୍ରକାଶ ତ୍ରିପାଠୀ, ୱାର୍ଡ଼ ସଭ୍ୟା ମମତା ଓଝା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ୨୦୨୩ ସୁଦ୍ଧା ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର କ୍ଷମତା ୨୫ ଏମ୍‌ଟିପିଏକୁ ବୃଦ୍ଧି ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଓଡ଼ିଶାର ଶିବ ସିମେଣ୍ଟ କମ୍ପାନୀକୁ ଯୋଗ୍ୟ ବିଡ଼ରଭାବେ ଘୋଷଣା

ଭୁବନେଶ୍ୱର: ଭାରତର ଅଗ୍ରଣୀ ଗ୍ରୀନ୍ ସିମେଣ୍ଟ ଉତ୍ପାଦକ ଓ ୧୪ ବିଲିୟନ ଡଲାରର, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଂଶ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡ୍‌କୁ ସ୍ୱିଡେନ୍‌ର ଇପିଡି ଇଣ୍ଟରନ୍ୟାସ୍‌ନାଲ ଏବି ପକ୍ଷରୁ ଏନ୍‌ଭାଇରନ୍‌ମେଂଟାଲ ପ୍ରଡକ୍ଟ ଡିକ୍ଲାରେସନ୍ (ଇପିଡି) ସମ୍ମାନ ପ୍ରଦାନ କରାଯାଇଛି। ଏହାର ଇପିଡି ପଞ୍ଜୀକରଣ ନମ୍ବର ଏସ୍-ପି-୦୧୪୧୪ ରହିଛି। ଏହା ଦର୍ଶାଉଛି ଯେ, ସିମେଣ୍ଟ ଇଣ୍ଡଷ୍ଟ୍ରୀ ମଧ୍ୟରେ ଜେଏସ୍‌ଡବ୍ଲ୍ୟୁର ପିଏସ୍‌ସି ସିମେଣ୍ଟରେ ସର୍ବନିମ୍ନ ବିଶ୍ୱ ତାପନ କ୍ଷମତା ରହିଛି। ଏନଭାଇରୋ୍‌ମେଂଟାଲ ପ୍ରଡକ୍ଟ ଡିକ୍ଲାରେସନ୍ (ଇପିଡି) ଅନୁଯାୟୀ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ପିଏସ୍‌ସି ନିକଟରେ ୩୨୫.୧୪ କିଲୋଗ୍ରାମ ଅଙ୍ଗାରକାମ୍ଳ/ଏମ୍‌ଟି ( ଓପିସି ସିମେଂଟ୍‌ର ୭୬୦-୮୦୦କି.ଗ୍ରା ଅଙ୍ଗାରକାମ୍ଳ/ଏମ୍‌ଟି ଓ ପିପିସି ସିମେଣ୍ଟର ୫୬୦-୬୫୦ କି.ଗ୍ରା ଅଙ୍ଗାରକାମ୍ଳ/ ଏମ୍‌ଟି ତୁଳନାରେ)ର ବିଶ୍ୱ ତାପମାତ୍ରା ବୃଦ୍ଧି କରିବା ପାଇଁ କ୍ଷମତା ରହିଛି, ଯାହାକି ଭାରତରେ ଅନ୍ୟ ସିମେଣ୍ଟ କମ୍ପାନୀ ତୁଳନାରେ ସର୍ବନିମ୍ନ ରହିଛି ଏବଂ ଏହା ବିଶ୍ୱର ଅନ୍ୟ ସର୍ବନିମ୍ନ ବିଶ୍ୱ ତାପମାତ୍ରା ବୃଦ୍ଧି କ୍ଷମତା ରହୁଥିବା କମ୍ପାନୀ ମଧ୍ୟରୁ ଗୋଟିଏ। ଏହି ଜୀବନଚକ୍ର ମୂଲ୍ୟାଙ୍କନକୁ ସ୍ୱତନ୍ତ୍ର ରୂପେ ଥିଙ୍କଷ୍ଟେପ୍ ସଷ୍ଟେନେବିଲିଟି ସଲ୍ୟୁସନ୍ସ ଦ୍ୱାରା ପ୍ରସ୍ତୁତ କରାଯାଇଛି।

ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ବର୍ତ୍ତମାନର କ୍ଷମତା ରହିଛି ୧୪ ଏମ୍‌ଟିପିଏ। କମ୍ପାନୀର ୨୫ ଏମ୍‌ଟିପିଏ କ୍ଷମତା ବୃଦ୍ଧି ଲକ୍ଷ୍ୟର ଅନ୍ୟତମ ମୁଖ୍ୟ ପ୍ରବର୍ତ୍ତକ ହେଉଛି ଓଡିଶାରେ କମ୍ପାନୀର ସହଯୋଗୀ କମ୍ପାନୀ ଶିବ ସିମେଣ୍ଟ ଲିଃ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପ। ପୂର୍ବତନ ପ୍ରମୋଟରଙ୍କଠାରୁ ମାର୍ଚ୍ଚ ୨୦୧୭ରେ କିଣାଯାଇଥିବା ଅଂଶଧନ ଓ ଏସିସି ଲିମିଟେଡ୍‌ଠାରୁ ଖୋଲା ବଜାର କ୍ରୟ ମାଧ୍ୟମରେ କରାଯାଇଥିବା ଅଧିଗ୍ରହଣର ଅର୍ଥ ସହ ବର୍ତ୍ତମାନ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ଶିବ ସିମେଣ୍ଟରେ ୫୪% ଅଂଶଧନ ରହିଛି। ଶିବ ସିମେଣ୍ଟ ଚୂନ ପଥରରେ ସମୃଦ୍ଧ ଥିବା ଅଞ୍ଚଳରେ ରହିଥିବାରୁ ଏହାର ଖଣି ସଂଶାଧନ ପୂର୍ବାଞ୍ଚଳରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ବିକାଶରେ ସହଯୋଗ କରିବ। ଗତ ତିନି ବର୍ଷ ମଧ୍ୟରେ କମ୍ପାନୀ ନିଜର ବିକାଶ ଲକ୍ଷ୍ୟ ପୂରଣ କରିବା ପାଇଁ ଜମି ଅଧିଗ୍ରହଣ (ନିର୍ମାଣ ଓ ଖଣି ପରିଚାଳନା ପାଇଁ ଜମି), ସରକାରୀ ଅନୁମତି ଓ ସ୍ଥାନୀୟ ଲୋକଙ୍କ ସମର୍ଥନ ହାସଲ କରିବା ଭଳି କାର୍ଯ୍ୟରେ ପର୍ଯ୍ୟାପ୍ତ ସୁଧାର ଆଣିଛି। ନିକଟରେ ଶିବ ସିମେଣ୍ଟ ଏହାର ଖଣିକୁ ୦.୧୨ ଏମ୍‌ଟିପିଏରୁ ୦.୩୪୫ ଏମ୍‌ଟିପିଏକୁ ବୃଦ୍ଧି କରିବା ପାଇଁ କନ୍‌ସେଟ୍ ଟୁ ଏଷ୍ଟାବ୍ଲିସ୍ (ସିଟିଇ)ର ମଞ୍ଜୁରୀ ହାସଲ କରିଛି। ଏହାଛଡା କ୍ଲିଙ୍କର ଓ ସିମେଣ୍ଟ ଉତ୍ପାଦନ ବଢାଇବା ପାଇଁ ମଧ୍ୟ ଏହାକୁ ପରିବେଶ ମଞ୍ଜୁରୀ ମିଳିସାରିଛି। ଚଳିତ ମାସ ଆରମ୍ଭରେ ଶିବ ସିମେଣ୍ଟକୁ ଇ-ନିଲାମ ପ୍ରକ୍ରିୟା ମାଧ୍ୟମରେ ଖାଟ୍‌କୁର୍‌ବାହା (ଉତ୍ତର) ଚୂନପଥର ଖଣି ପାଇଁ ପସନ୍ଦଯୋଗ୍ୟ ବିଡର ଘୋଷଣା କରାଯାଇଥିଲା। ଏହା ବର୍ତ୍ତମାନ ଖଣିକୁ ଲାଗିକି ଅଛି।

## ଟାଏକୋଣ୍ଡ ଜୁନିଅର ପ୍ରତିଯୋଗିତାରେ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

ଧର୍ମଶାଳା,(ପିଏନ୍)- ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଂଚାୟତର ତରାପୁର ସ୍ଥିତ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସେକ୍ ଜୁମନ ଓ ତସଲିମା ଖାନ୍‌ଙ୍କ ଏକମାତ୍ର କନ୍ୟା ଉସ୍ମେ ରୁକେୟା(୧୫)ଙ୍କ ରାଜ୍ୟ ସ୍ତରୀୟ ଟାଏକୋଣ୍ଡ ଜୁନିଅର ପ୍ରତିଯୋଗିତା(୪୧ କି.ଲୋ ଓଜନ)ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ତାଙ୍କ ସଫଳତାକୁ ନେଇ କ୍ରୀଡାବିତ୍‌ଙ୍କ ମହଲରେ ଉତ୍ସାହ ଖେଳିଯାଇଛି। ଏଥି ସହ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷିକାଶିକ୍ଷକମାନଙ୍କ ପକ୍ଷରୁ ରୁକେୟାକୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଇଣ୍ଡୋର ଷ୍ଟାଡିଅମ୍‌ରେ ସେପ୍ଟେମ୍ବର ୭ ରୁ ୯ ମଧ୍ୟରେ ଓଡିଶା ଟାଏକୋଣ୍ଡ ଆସୋସିଏସନ ଓ ଟାଏକୋଣ୍ଡା-ଓଡିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରରୀୟ ପ୍ରତିଯୋଗିତାରେ ଯାଜପୁର ଜିଲା ତରଫରୁ ଅଂଶ ଗ୍ରହଣ କରିଥିଲେ। ଏଥିରେ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ପ୍ରତିଯୋଗି ଅଯୋଗ୍ୟ ହୋଇଥିଲା ବେଳେ ଅନ୍ୟ ୬ଜଣଙ୍କୁ ପଛରେ ପକାଇ ରୁକେୟା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରର ଟାଏକୋଣ୍ଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏହାଛଡା ସେ ଜଣେ ମେଧାବୀ ଛାତ୍ରୀ ଅଟନ୍ତି। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଆସୁଛି। ତାଙ୍କର ସଫଳତାର ଶ୍ରେୟ ସେ ପ୍ରଶିକ୍ଷକ ସମର ସିଂ ପପୁଙ୍କୁ ଦେଇଛନ୍ତି।

## ନବାଗତଙ୍କୁ ଭରସା ମହଙ୍ଗା ପଡିଲା : ବିଜେପିରେ ନେତୃତ୍ୱ ସଂକଟ

ଭଦ୍ରକ, (ପିଏନ)- ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଫେଲ୍ ମାରିଛି ବିଜେପିର ନିର୍ବାଚନ ରଣନୀତି। କ୍ଷମତା ହାସଲ ପାଇଁ ଦଳ ଆପଣେଇଥିବା ନେତୃତ୍ୱ ପରିବର୍ତନ ରାଜନୀତି ଦଳ ପାଇଁ ବେକାର ସାବ୍ୟସ୍ତ ହୋଇଛି। ଦଳର ପୁରୁଣା ନେତାଙ୍କୁ ଉପେକ୍ଷା କରି ନବାଗତଙ୍କ ଉପରେ ଭରସା କରିବା ଦଳପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଯାହାର ପ୍ରତିଫଳନ ଏବେ ଦଳୀୟ ନେତୃତ୍ୱ ଉପରେ ପ୍ରତିଫଳିତ ହୋଇଛି। ପରାଜୟ ପରେ ଦଳୀୟ ନେତୃତ୍ୱ ନେବାକୁ ନିର୍ବାଚନ ମଣ୍ଡଳୀରେ ଏବେ ଦଳର ସେହି ଧରଣର ନେତା ନାହାଁନ୍ତି କିମ୍ବା ନେତୃତ୍ୱ ନାହିଁ। ଯାହାକୁ ନେଇ ଏବେ ବାସୁଦେବପୁର ବିଜେପି ରାଜନୀତି ଏକ ପ୍ରକାର ଅସହାୟ ହୋଇ ପଡିଥିବା କୁହାଯାଉଛି। ଦଳୀୟ ଟିକେଟରୁ ଅନ୍ତର କରାଯାଇଥିବା ଯୋଗୁଁ ଦଳର ପୁରୁଣା ନେତା ଦୀନବନ୍ଧୁ ପତି ସଂଗଠନ ଠାରୁ ନିଜକୁ ଦୂରେଇ ନେଇଥିବା ବେଳେ କ୍ରମାଗତ ପରାଜୟ ଦଳର ନବାଗତ ନେତା ମାଧ ମଲିକଙ୍କୁ ଏକ ପ୍ରକାର ଅସହାୟ କରିପକାଇଛି। ଗତ ନିର୍ବାଚନରେ ଦଳ ଏହି ଆସନକୁ ହାତେଇବା ସକାଶେ ଦୀନବନ୍ଧୁ ପତିଙ୍କୁ ଅନ୍ତର କରି ନବାଗତ ମାଧବାନନ୍ଦ ମଲ୍ଲିକଙ୍କୁ ଦଳୀୟ ଟିକେଟ୍ ଦେଇଥିଲା। ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ମାଧବାନନ୍ଦ ଦଳ ପାଇଁ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା। ହେଲେ ଗତ ନିର୍ବାଚନରେ କଂଗ୍ରେସରୁ ଲଢି ମାଧବାନନ୍ଦ ଯେତିକି ଭୋଟ ପାଇଥିଲେ ଦଳ ପରିବର୍ତ୍ତନ କରି କେବଳ ପରାଜି ହେଲେନାହିଁ। ପରନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ତୃତୀୟ ସ୍ଥାନକୁ ଖସି ଆସିଥିଲେ। ଗତ ପଂଚାୟତ ନିର୍ବାଚନରେ ଦଳର ଜିଲା ପରିଷଦ ପ୍ରାର୍ଥୀ ପ୍ରାୟ ୪୬ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇଥିବା ବେଳେ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ମାତ୍ର ୩୫ ହଜାର ଭୋଟରେ ସନ୍ତୁଷ୍ଟ ରହିବାକୁ ପଡିଥିଲା। ସବୁଠାରୁ ବଡ କଥା ହେଲା ଦଳର ବିଧାନସଭା ପ୍ରାର୍ଥୀ ଭାବେ ମାଧବାନନ୍ଦଙ୍କୁ ମାତ୍ର ୩୫ ହଜାର ଭୋଟ ମିଳିଥିବା ବେଳେ ଦଳର ସଂସଦୀୟ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କୁ ୬୧ ହଜାରରୁ ଉର୍ଦ୍ଧ୍ୱ ଭୋଟ ମିଳିଥିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ ହୁଏତ ମାଧବାନନ୍ଦଙ୍କ ବିରୁଦ୍ଧରେ ଦଳରେ ଅନ୍ତର୍ଘାତୀ ହୋଇଥିଲା ନଚେତ୍ ତାଙ୍କର ବିଜେପିର ଯୋଗଦାନକୁ ଦଳର ସବୁ ବର୍ଗର ଭୋଟର ସହଜରେ ଗ୍ରହଣ କରିପାରିନଥିଲେ। ନିର୍ବାଚନର ଏହି ପରାଜୟ ଏବେ ମାଧବାନନ୍ଦଙ୍କୁ ସଂପୂର୍ଣ୍ଣ ଭାବେ ଅସହାୟ କରିଦେଇଥିବା କୁହାଯାଉଛି। କ୍ରମାଗତ ପରାଜୟ ସହିତ ବୟସାଧିକ ଅସୁସ୍ଥତା ତାଙ୍କୁ ଆଉ ସକ୍ରିୟ ରାଜନୀତିରେ ତିଷ୍ଠି ରହିବା ନେଇ ସନ୍ଦେହ ସୃଷ୍ଟି କରିଛି। ତେଣେ ଦଳୀୟ ଟିକେଟରୁ ଅନ୍ତର କରି ଦୀନବନ୍ଧୁଙ୍କ ଦଳ ରାଜ୍ୟ ପ୍ରବକ୍ତା ଭାବେ ନିଯୁକ୍ତି ଦେଇଥିଲେ ମଧ୍ୟ ରାଜ୍ୟ ରାଜନୀତି କଥା ଦୂରକୁ ଥାଉ ଜିଲା ରାଜନୀତିରୁ ଦୀନବନ୍ଧୁ ଏକ ପ୍ରକାର ଅନ୍ତର ହୋଇ ଯାଇଥିବା ପରିଲକ୍ଷିତ ହୋଇଛି। ଦଳର ଅନ୍ୟତମ ରାଜ୍ୟ ପ୍ରବକ୍ତା ସହିତ ରାଜ୍ୟ କାର୍ଯ୍ୟକାରିଣୀରେ ଥାଇ ମଧ୍ୟ ଜିଲାସ୍ତରରେ ଗୋଟିଏ ହେଲେ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁନି। ଏଥିନେଇ ଦୀନବନ୍ଧୁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଥିଲେ ନୂଆ ନିଯୁକ୍ତି ପରେ ତାଙ୍କୁ ଗତ ୩ ମାସ ମଧ୍ୟରେ କେବଳ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଥରକ ପାଇଁ ଡକାଯାଇଥିବାବେଳେ ଜିଲା କାର୍ଯ୍ୟକ୍ରମରେ ସାମିଲ ହେବା ଦୂରକୁ ଥାଉ ଜିଲା କାର୍ଯ୍ୟକ୍ରମ ସଂପର୍କରେ ତାଙ୍କୁ କୌଣସି ସୂଚନା ମଧ୍ୟ ଦିଆଯାଉନାହିଁ। ସେହିଭଳି ବାସୁଦେବପୁର ବିଧାନସଭା ନିର୍ବାଚନରେ ତାଙ୍କୁ ଦଳୀୟ ଟିକେଟ୍ ଦିଆନଯିବା ପଛରେ ବିଧିବଦ୍ଧ ଷଡଯନ୍ତ୍ର ରହିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ବାସୁଦେବପୁର ବିଜେପି ରାଜନୀତିରୁ ତାଙ୍କୁ ହଟାଇବା ସକାଶେ ନିଜ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହି ଷଡଯନ୍ତ୍ର ରଚନା କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଯାହାକି ଦଳୀୟ ପରାଜୟର ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ତେବେ ଦଳୀୟ ପରାଜୟ ପରେ ଏବେ ବାସୁଦେବପୁର ବିଜେପି ସଂଗଠନକୁ ପୁଣି ସଂଗଠିତ କରିବାର ସମୟ ଆସିଛି। ରାଜ୍ୟ ହାଇକମାଣ୍ଡ ଦଳର ବିପର୍ଯ୍ୟୟର ସମୀକ୍ଷା କରିବା ସହିତ ଦଳକୁ ସଂଗଠିତ କରିବାକୁ ଉପଯୁକ୍ତ ନେତୃତ୍ୱ ଦେବାକୁ ସେ ଦାବୀ କରିଛନ୍ତି। ତାହା ନହେଲେ ଆଗକୁ ଏହି ନିର୍ବାଚନ ମଣ୍ଡଳୀରେ ଦଳୀୟ ସ୍ଥିତି ଅଧିକ ଜଟିଳ ନହେବ, ତାହା କୁହାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

## ସିଗ୍ରାମ ୧୦୦ ପାଇପର୍ସ ପକ୍ଷରୁ ଭୁବନେଶ୍ୱରରେ 'ପ୍ଲେ ଫର୍ ଏ କଜ୍' କାର୍ଯ୍ୟକ୍ରମ

ଭୁବନେଶ୍ୱର : ସିଗ୍ରାମ ୧୦୦ ପାଇପର୍ସ ପକ୍ଷରୁ ଭୁବନେଶ୍ୱରରେ 'ପ୍ଲେ ଫର୍ ଏ କଜ୍' ମ୍ୟୁଜିକାଲ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ୨୦୧୯ ନଭେମ୍ବର ୨୯ରେ ଅନୁଷ୍ଠିତ ହେବ। ଗୋଟିଏ ଦିନରେ ଦେଶର ୨୭ଟି ସହରରେ ୧୫ଟି ବିଭିନ୍ନ କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ଏହା ସମ୍ପନ୍ନ କରାଯିବ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମ୍ୟୁଜିକାଲ୍ ବ୍ୟାଣ୍ଡ୍ ମଧ୍ୟରେ ପରିକ୍ରମା, ଦିଲ୍ଲୀ ଇଣ୍ଡେ ପ୍ରୋଜେକ୍ଟ, ଇନ୍ଦସ୍ କ୍ରିଡ୍, ଦି ଲୋକାଲ ଟ୍ରେନ୍, ଉଷା ଉଥୁପ୍, ହରି ସୁଖମଣୀ ଏବଂ ଅଙ୍କୁର ତିୱାରି ଆଦି ନିଜର କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ। ଏହାଦ୍ୱାରା ବାୟୁ ଏବଂ ଜଳ ପ୍ରଦୂଷଣ, ପାହାଡ଼ ଧ୍ୱଂସ, କଳା, ସମୁଦ୍ର, ଚାରା ରୋପଣ, ବନ୍ୟ ଜୀବ, ସମାଜର ଅବହେଳିତ ବର୍ଗଙ୍କ ପାଇଁ ଖାଦ୍ୟ, ଥରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍, ବର୍ଷା ଜଳ ସଂରକ୍ଷଣ ଆଦି ସମ୍ପର୍କରେ ସଚେତନତା ସୃଷ୍ଟିର ପ୍ରୟାସ କରାଯିବ। ଦେଶର ୧୦୦ଟି ସ୍ଥାନରେ ୧୦୯ଟି ବ୍ୟାଣ୍ଡ ନିଜର ମ୍ୟୁଜିକାଲ୍ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ।ଏହି ଅବସରରେ ପରନୋଡ୍ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଙ୍ଗ୍ ଅଧିକାରୀ କାର୍ତିକ ମହିନ୍ଦ୍ରା କହିଲେ, ସିଗ୍ରାମ ୧୦୦ ପାଇପର୍ସ ସମାଜରେ ସଚେତନତା ଆଣିବାରେ ବିଶ୍ୱାସ କରିଥାଏ। ତେଣୁ ଗୋଟିଏ ଦିନରେ ଆମେ ଏଭଳି ବଡ଼ ଧରଣର କାର୍ଯ୍ୟକ୍ରମର ଆୟୋଜନ କରୁଛୁ। ଏହାଦ୍ୱାରା ବହୁ ବ୍ୟକ୍ତିଙ୍କୁ ସଫଳତା ମିଳିବାରେ କମ୍ପାନୀ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି।ଏହା ପୂର୍ବରୁ ସ୍ୱଚ୍ଛ ପିଇବା ପାଣି, ସମାଜର ଅବହେଳିତ ବର୍ଗଙ୍କୁ ଖାଦ୍ୟ, କେରଳ ବନ୍ୟା ଆଦି ନିମନ୍ତେ କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହୋଇସାରିଛି।

## ଦେଶର ୧୫ କୋଟି ଗ୍ରାମାଂଚଳ ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ : କେନ୍ଦ୍ରମନ୍ତ୍ରୀ ଶେଖାୱାତ୍

ପୁରୀ, (ପିଏନ)- ଓଡିଶାର ପ୍ରତି ଗାଁର ପ୍ରତି ଘରେ ଶୁଦ୍ଧ ପାନୀୟଜଳ ପହଂଚିବା ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏ ସଂପର୍କରେ ଗୁରୁବାର ପୂର୍ବାହ୍ନରେ ହୋଟେଲ ମେ ଫାୟାର ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଥିଲା। ଜଳ-ଜୀବନ-ମିଶନ କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ୍ ଯୋଗଦେବା ଅବସରରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଲେ ଜନ-ଜୀବନ-ମିଶନ ପ୍ରଧାନମନ୍ତ୍ରୀଙ୍କ ଏକ ମେଗା ପ୍ରୋଜେକ୍ଟ। ଗ୍ରାମାଚଂଳର ସବୁ ଘରକୁ ପାଣି ପାଇପ୍ ସଂଯୋଗ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ୨୦୨୪ ମସିହା ସୁଦ୍ଧା ଏହି ପ୍ରକଳ୍ପ କାମ ଶେଷ ହେବ। ୧୪କୋଟି ୬୦ଲକ୍ଷ ଗ୍ରାମାଚଂଳ ପରିବାରକୁ ପାଣି ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩.୬୦ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ବିଭିନ୍ନ ଆଂଚଳିକ ସ୍ତରରେ କର୍ମଶାଳା କରାଯାଇ ଏହି ପ୍ରକଳ୍ପ ସଂପର୍କରେ ସୂଚନା ଦିଆଯିବ। ଦେଶରେ ୫ଟି ସ୍ଥାନରେ ଜଳ-ଜୀବନ-ମିଶନର କର୍ମଶାଳା ଅନୁଷ୍ଠିତ ହେବ। ପ୍ରଥମେ ସେପ୍ଟେମ୍ବର ୩, ୪ ତାରିଖରେ ଚଣ୍ଡିଗଡ଼ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ କର୍ମଶାଳା ପୂର୍ବାଚଂଳ ପାଇଁ ପୁରୀ ଠାରେ ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ବିହାର, ଛତିଶଗଡ, ଝାଡଖଣ୍ଡ, ଓଡିଶା, ରାଜସ୍ଥାନ, କଲିକତା ଆଦି ରାଜ୍ୟମାନେ ଯୋଗଦେଇଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଦ୍ୱୈତ ଅଧିକାରୀ ଓ ରାଜ୍ୟସରକାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆଗେଇ ନେବା ପାଇଁ ଯୋଜନା ରହିଛି।

କେନ୍ଦ୍ରମନ୍ତ୍ରୀ କହିଲେ, କେନ୍ଦ୍ର ସରକାର ଗ୍ରାମାଚଂଳର ସବୁ ଘରକୁ ବିଜୁଳି, ସବୁ ଗାଁକୁ ସଡକ, ଗ୍ୟାସ ଓ ଏବେ ପାନୀୟଜଳ ଯୋଗାଇବା ପାଇଁ ବଦ୍ଧପରିକର। ନଦୀଗୁଡିକରୁ କିଭଳି ପାନୀୟଜଳ ପ୍ରସ୍ତୁତ କରାଯାଇ ଘରେ ଘରେ ପହଂଚିବ ସେଥିପାଇଁ ଯୋଜନା କରାଯାଇଛି। ଦେଶର ସାଧାରଣ ଲୋକମାନଙ୍କର ମାନ ପରିବର୍ତନ ପାଇଁ କେନ୍ଦ୍ର ସରକାର ସଦା ଚେଷ୍ଟିତ। ଭୂତଳ ଜଳ ସଂରକ୍ଷଣ ପାଇଁ ଅନେକ କାମ ହାତକୁ ନିଆଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଲେ ଓଡିଶାର ସବୁ ଘରେ ପାଣି ପହଂଚିବା ପାଇଁ ରାଜ୍ୟ ସରକାର ବହୁ ପୂର୍ବରୁ ବସୁଧା ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟରେ ୪୮ପ୍ରତିଶତ ପରିବାରକୁ ପାନୀୟଜଳ ଯୋଗାଇ ଦିଆଯାଉଛି। କେନ୍ଦ୍ର ସରକାର ଅଧିକ ଅର୍ଥ ମଞ୍ଜୁର କଲେ ୬୫ପ୍ରତିଶତ ଘରକୁ ପାଣି ଯୋଗାଇ ଦିଆଯିବ। ରାଜ୍ୟ ସରକାର ଏଥିପାଇଁ ବଜେଟରେ ୩ହଜାର କୋଟି ଖର୍ଚ୍ଚ କରୁଥିବା ବେଳେ କେନ୍ଦ୍ର ସରକାର ୩୦୦କୋଟି ଟଙ୍କା ଦେଇଛି। ପୁରୀର ଭୂତଳ ଜଳ ସଂରକ୍ଷଣ ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ମୂଷାନଦୀ ଓ ମଙ୍ଗଳାନଦୀର ଉନ୍ନତିକରଣ କରାଯିବ। ପୁରୀ ସହରର ପ୍ରାକୃତିକ ଉପାୟରେ ଥିବା ଡ୍ରେନେଜ ସିଷ୍ଟମ ସ୍ଥାନରେ ବହୁତଗୁଡିଏ ଘର ନିର୍ମାଣ କରାଯାଇଥିବାରୁ ପାଣି ନିଷ୍କାସନ ହେବାରେ ବାଧାସୃଷ୍ଟି ହେଉଛି। ମେଗା ପ୍ରୋଜେକ୍ଟ ଜରିଆରେ ସମସ୍ତଙ୍କୁ ପାଣି ଯୋଗାଇ ଦିଆଯିବ।




# ମଣିପାଲ ହସ୍‌ପିଟାଲ୍‌ସ ଦ୍ୱାରା ଦ୍ୱାରକାରେ ଦୁଇଦିନିଆ ରୋବୋଟିକ୍ ସର୍ଜରୀ କର୍ମଶାଳା ଆୟୋଜିତ

ଭୁବନେଶ୍ୱର : ଭାରତୀୟ ରୋଗୀ ମାନଙ୍କ ପାଇଁ ଉନ୍ନତ ଉପଚାର ବିଧି ପ୍ରଚଳନ ପ୍ରଚେଷ୍ଟା ଜାରିରଖି ଦ୍ୱାରକା ସ୍ଥିତ ମଣିପାଲ ହସ୍‌ପିଟାଲ୍‌ସରେ ଦୁଇଦିନିଆ ରୋବୋଟିକ୍ ସର୍ଜରୀ କର୍ମଶାଳା ସମ୍ପନ୍ନ ହୋଇଯାଇଛି । ଏହି କର୍ମଶାଳାରେ ରୋବୋଟିକ୍ ପ୍ରଶୀକ୍ଷଣ ସହ ଆନ୍ତର୍ଜାତୀୟ ପ୍ରଶୀକ୍ଷକଙ୍କ ଦ୍ୱାରା ଲାଇଭ ସର୍ଜରୀ ଓ ଭିଡିଓ ଆଧାରିତ ତାଲିମର ଆୟୋଜନ କରାଯାଇଥିଲା । ଭାରତରେ ରୋବୋଟିକ୍ ସର୍ଜରୀ କ୍ଷେତ୍ରରେ ଏହା ସର୍ବବୃହତ ଆୟୋଜନ ଥିଲା । ଏହି କାର୍ଯ୍ୟକ୍ରମରେ ସାରା ଦେଶରୁ ୧୬୦ଡାକ୍ତର ଭାଗ ନେଇଥିଲେ । ଏହି କର୍ମଶାଳାରେ ପାକସ୍ଥଳୀ, ଶୀର ଓ ଗର୍ଦ୍ଦନ, ଶିଶୁ ରୋଗ ଏବଂ ହାର୍ଣ୍ଣିଆ ଆଦିର ଲାଇଭ ସର୍ଜରୀ କରାଯାଇଥିଲା ।

ଏହି ବିଷୟରେ ସୁଚନା ଦେଇ ମଣିପାଲ ହସ୍‌ପିଟାଲ୍‌ସ ଗ୍ୟାଷ୍ଟ୍ରୋଇଂଟେସିନାଲ ବିଭାଗ ମୁଖ୍ୟ ଡଃ. ଅରୁଣ ପ୍ରସାଦ କହିଛନ୍ତି, ରୋବୋଟିକ୍ ସର୍ଜରୀ ବିଗତ ଦଶନ୍ଧି ମଧ୍ୟରେ ଅନେକ କୌତୁହଳ ସୃଷ୍ଟି କରିଛି । ଏହା ବର୍ତମାନ ଦେଶର ୭୦ରୁ ଅଧିକ ସ୍ଥାନରେ ପ୍ରଚଳନ ମଧ ହେଲାଣି । ବର୍ତମାନ ସ୍ତ୍ରୀ ରୋଗ ଓ ମୂତ୍ର ରୋଗ କ୍ଷେତ୍ରରେ ବହୁଳ ବ୍ୟବହାର ହେଉଥିବା ବେଳେ ଏହା ସଧାରଣ ସର୍ଜରୀରେ ଅନେକାଂଶରେ ଭବିଷ୍ୟତରେ ପ୍ରଯୁଜ୍ୟ ହେବାର ସମ୍ଭାବନା ଅଛି । ରୋବୋଟିକ୍ ସର୍ଜରୀ ନ୍ୟୁନତମ କଷ୍ଟ ଓ ଦ୍ରୁତ ଆରୋଗ୍ୟ ଆଣିଦେଇଥାଏ । ଏହି ଉଦୀୟମାନ ପ୍ରଯୁକ୍ତି ସମ୍ବନ୍ଧରେ ଶିକ୍ଷା ଓ ପ୍ରଶୀକ୍ଷଣର ଘୋର ଅଭାବ ରହିଛି । ସାରା ବିଶ୍ୱରେ ଏହି ପ୍ରଯୁକ୍ତି ବିପ୍ଲବ ଆଣିଦେଲାଣି । ଭାରତ ଏ କ୍ଷେତ୍ରରେ ରହିବା ଉଚିତ ନୁହେଁ ।

ଏହି ଅବସରରେ ମଣିପାଲ ହସ୍‌ପିଟାଲ୍‌ସ ଦ୍ୱାରକା ର ସିଇଓ ଡଃ. ପ୍ରମୋଦ ଅଲଘରୁ କହିଛନ୍ତି, "ମଣିପାଲ ହସ୍‌ପିଟାଲ୍‌ସ ପାଇଁ ଏହି ଆୟୋଜନ ଏବେ ଗର୍ବର ବିଷୟ । ଏହା ଭବିଷ୍ୟତରେ ଉଚ୍ଚମାନର ଚିକିତ୍ସା ପ୍ରଦାନ ପାଇଁ ସହାୟକ ହେବ ।"

# ସୋମାନି ସେରାମିକ ବ୍ରାଣ୍ଡର ଚେହେରା ହେଲେ ସଲମାନ ଖାନ୍

ଭୁବନେଶ୍ୱର: ସୋମାନି ସେରାମିକସ ଲିମିଟେଡ ପକ୍ଷରୁ ସୁପରଷ୍ଟାର ସଲମାନ ଖାନ୍‌ଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି । କଂପାନି ସାରା ଦେଶରେ ବ୍ୟାପକ ସଂପ୍ରସାରଣ ଯୋଜନା ଜାରି ରଖିଛି ଏବଂ ଖୁବଶୀଘ୍ର ସଲମାନଙ୍କୁ ନେଇ ଏହା ବ୍ରାଣ୍ଡର ପ୍ରଚାର ଅଭିଯାନ ଆରମ୍ଭ କରିବାକୁ ଯାଉଛି ।

ଏହି ନୂତନ ପ୍ରଚାର ଅଭିଯାନରେ କଂପାନିର ଟ୍ୟାଗଲାଇନ 'ଜମିନ ସେ ଜୁଡେ' ଜରିଆରେ ସଲମାନ ସୋମାନିର ପ୍ରଚାର କରିବେ । ସଲମାନଙ୍କ ବ୍ୟକ୍ତିତ୍ୱ ଏହି ପ୍ରଚାର ଅଭିଯାନକୁ ସୁହାଇବ କାରଣ ଯେତେ ଅଧିକ ସଫଳ ହେଲେ ମଧ ସେ ମାଟି ସହିତ ଯୋଡ଼ି ହୋଇରହିଛନ୍ତି । ସଲମାନଙ୍କୁ ନେଇ କଂପାନି ପକ୍ଷରୁ ଟିଭି ବିଜ୍ଞାପନ, ସୋସିଆଲ ମିଡିଆ ଅଭିଯାନ ଓ ଆଉଟଡୋର ଅଭିଯାନ ଆୟୋଜନ କରିବାକୁ ଯାଉଛି । ସଲମାନଙ୍କ ସହ ହୋଇଥିବା ସହବନ୍ଧନ ବିଷୟରେ ଶ୍ରୀଯୁକ୍ତ ଅଭିଶେକ ସୋମାନି, ଏମଡି, ସୋମାନି ସେରାମିକସ କହିଛନ୍ତି ଯେ, 'ବର୍ଷ ବର୍ଷ ଧରି ଡେକର ଜଗତରେ ହେଉଥିବା ପରିବର୍ତନ ସହିତ ନିଜର ଦକ୍ଷତାକୁ ବ୍ୟାପକ କରି ସୋମାନି ନିଜକୁ ଏକ ଉପଯୋଗୀ ଓ ବିଶ୍ୱସ୍ତ କଂପାନିରେ ପରିଣତ କରିପାରିଛି । ଏହା ଗ୍ରାହକମାନଙ୍କୁ ଭଲ ଭାବେ ବୁଝିଛି ଏବଂ ଏହାର ପ୍ରତି ବଦଳରେ ସେମାନେ ସୋମାନି ପ୍ରଦାନ କରୁଥିବା ଶ୍ରେଷ୍ଠ ଟାଇଲ, ସାନିଟାରି ଓ୍ୟାର, ବାଟ ଫିଟିଂସ ଉତ୍ପାଦକୁ ବିଶ୍ୱାସ କରୁଛନ୍ତି । ଉଭୟ ସୋମାନି ସେରାମିକ୍ସ ଓ ସଲମାନଙ୍କ ଭିତରେ ଗୋଟିଏ କଥା ସମାନ ରହିଛି, ଯାହା ହେଉଛି ଉଭୟ ନିଜ ନିଜ ଶିଳ୍ପରେ ନିଜକୁ ଅପ୍ରତିଦ୍ୱନ୍ଦ୍ୱୀ ନେତୃତ୍ୱରେ ପରିଣତ କରିପାରିଛନ୍ତି ।'

'ଷ୍ଟାଇଲ, ଗୁଣାତ୍ମକ ମାନ କିମ୍ବା ପ୍ରଯୁକ୍ତି ଉତ୍କର୍ଷ ସବୁ ଥିଲେ ସୋମାନି ନିଜ ବ୍ରାଣ୍ଡକୁ ଏକ ଭିନ୍ନ ବର୍ଗରେ ରଖିପାରିଛି । ଏହି ବ୍ରାଣ୍ଡର ଚେହେରା ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ବଲିଉଡ ସୁପରଷ୍ଟାର ସଲମାନ ଖାନ୍ କହିଛନ୍ତି । ସଲମାନଙ୍କ ସହ ସହଯୋଗିତା ଜରିଆରେ ଆମେ ଆମର ମାର୍କେଟିଂ ରଣନୀତି ଜରିଆରେ ଗ୍ରାହକଙ୍କୁ ଆହୁରି ଉତ୍ସାହିତ ଏବଂ ସୋମାନିର ସଫଳତାକୁ ନୂତନ ଶିଖରରେ ପହଂଚାଇବାକୁ ଚାହୁଛୁ ବୋଲି ସୋମାନି ସେରାମିକ୍ସର ବରିଷ୍ଠ ଜିଏମ ମାର୍କେଟିଂ ଚାରୁ ମଲହୋତ୍ରା କହିଛନ୍ତି ।

# ବଜାରରେ କଟିଂ-ଏଜ୍ ଜ୍ଞାନକୌଶଳ ସହିତ ରେଡ଼ମି କେ୨୦ ସିରିଜ୍

ଭୁବନେଶ୍ୱର : ଭାରତର ଅଗ୍ରଣୀ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାଓମି ଆଜି ବହୁ ପ୍ରତିକ୍ଷୀତ ରେଡ଼ମି କେ୨୦ ସିରିଜ୍ ସ୍ମାର୍ଟଫୋନ୍ - ରେଡ଼ମି କେ୨୦ ଓ କେ୨୦ ପ୍ରୋ ଶୁଭାରମ୍ଭ କରିଛି, ଯାହା ରେଡ଼ମି ସବ୍-ବ୍ରାଣ୍ଡ ଅଧିନରେ ଶୁଭାରମ୍ଭ ହୋଇଥିବା ପ୍ରଥମ ସିରିଜ୍ । ରେଡ଼ମି କେ୨୦ ଓ କେ୨୦ ପ୍ରୋ ଏକ ଉତ୍ତମ ଶୁଭାରମ୍ଭ, ଉଭୟ ଫୋନ୍‌ରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦାନ କରିବା ସହିତ ଉଚ୍ଚ ମାନର ଗ୍ରାହକ ଅନୁଭୂତିର ପ୍ରତିଶ୍ରୁତି ପ୍ରଦାନ କରିଥାଏ ।

ଉଭୟ ରେଡ଼ମି କେ୨୦ ଓ କେ୨୦ ପ୍ରୋ ୧୬.୨ ସେମି (୬.୩୯) ୧୯.୫:୯ଫୁଲ୍ ଏଚ୍‌ଡି + ଆମୋଲିଡ଼୍ ହୋରଇଜୋନ୍ ଡିସ୍‌ପ୍ଲେ, ସମସ୍ତ କ୍ଷେତ୍ରେରେ ସର୍ବନିମ୍ନ ବେଜେଲ୍ ଆଦି ବୈଶିଷ୍ଟ୍ୟ ପ୍ରଦାନ କରିଥାଏ । ୨୦ ଏମ୍‌ପି ପପ୍-ଅପ୍ ସେଲ୍ଫି କ୍ୟାମେରା ସହିତ ରେଡ଼ମି କେ୨୦ ସିରିଜ୍ ଚମତ୍କାର ୯୧.୯% ସ୍କ୍ରିନ୍-ଟୁ-ବଡି ଅନୁପାତ ଗ୍ରହଣ କରିଥାଏ, ଯାହା ଇଣ୍ଡଷ୍ଟ୍ରିରେ ସର୍ବାଧିକମାନଙ୍କଠାରୁ ଗୋଟିଏ ଅଟେ । ହୋରଇଜୋନ୍ ଆମୋଲିଡ଼୍ ଡିସ୍‌ପ୍ଲେ, ୭ମ ପିଢ଼ି ଇନ୍-ଡିସ୍‌ପ୍ଲେ ଫିଙ୍ଗରପ୍ରିଣ୍ଟ ସ୍କାନର୍ ସହିତ ଆସୁଛି ଏବଂ ଏହା ଉଭୟ ଫୋନ୍‌ରେ କର୍ଭଡ କର୍ଣ୍ଣିଂ ଗରିଲା ଗ୍ଲାସ୍ ୫ ଦ୍ୱାରା ସୁରକ୍ଷିତ ।

ଏହାର ଆସ୍ଥେଟିକ୍ ବିଭାଗ ପଲ୍‌ସେଟିଂ ନୋଟିଫିକେସନ୍ ଏଲ୍‌ଇଡ଼ି ଦ୍ୱାରା ପୂର୍ଣ୍ଣ, ଯାହା ପପ୍-ଅପ୍ କ୍ୟାମେରା ମେକାନିଜିମ୍‌ର (ଅନ୍ତତଃ ୩୦୦,୦୦୦ ଥର କାର୍ଯ୍ୟ କରିବା ପାଇଁ ପରୀକ୍ଷା କରାଯାଇଛି) ଉପରି ଭାଗରେ ରହିଛି ଏବଂ କ୍ୟାମେରା ମଡ୍ୟୁଲ୍ ନିକଟରେ ଏକ ଆଧୁନିକ ହାଲୋ ରିଙ୍ଗ ରହିଛି । ପପ୍-ଅପ୍ ସେଲ୍‌ଫି କ୍ୟାମେରା ପାଖରେ ଏଜ୍-ଲିଟ୍ ମଡ୍ୟୁଲ୍ ସହିତ ରେଡ଼ମି କେ୨୦ ଓ କେ୨୦ ପ୍ରୋ ହେଉଛନ୍ତି ଏକମାତ୍ର ଶୁଭାରମ୍ଭ ହୋଇଥିବା ସ୍ମାର୍ଟଫୋନ୍, ଯାହା ପାୱାର ବଟନ୍‌ରେ ଏକ ବୋଲ୍ଡ ରେଡ଼ ଆସେଣ୍ଟ ସହିତ ଚମତ୍କାରିତାକୁ ସଂଯୋଗ କରୁଛି । ରେଡ଼ମି କେ୨୦ ସିରିଜ୍ ଏଆଇ ଟ୍ରିପିଲ୍ କ୍ୟାମେରା ସେଟ୍ ଅପ୍ ସହିତ ଆସୁଛି, ଯେଉଁଥିରେ ରହିଛି ୪୮ଏମ୍‌ପିର ମୁଖ୍ୟ କ୍ୟାମେରା, ୮ଏମ୍‌ପି ଟେଲିଫଟୋ ଏବଂ ୧୩ଏମ୍‌ପି ବିସ୍ତୃତ-ଆଙ୍ଗେଲ୍ ।

ଏହି ଅବସରରେ ସାଓମି ଇଣ୍ଡିଆ ପକ୍ଷରୁ ଏହାର ପରିଚାଳନା ନିର୍ଦ୍ଦେଶକ ଏବଂ ଉପସଭାପତି, ମନୁ ଜୈନ କହିଛନ୍ତିଯେ, "ଭାରତରେ ରେଡ଼ମି କେ୨୦ ସିରିଜ୍‌ର ଶୁବାରମ୍ଭ କରି ଆମେ ଖୁବ୍ ଉତ୍ସାହିତ । ଭାରତରେ ପ୍ରଥମ ରେଡ଼ମି ସରିଜ୍‌ର ଶୁବାରମ୍ଭ ଭାବେ, ରେଡ଼ମି କେ୨୦ ଓ ରେଡ଼ମି କେ୨୦ପ୍ରୋ ଏମାନଙ୍କର ଅସୀମ ଶୁଭାରମ୍ଭ ଅନୁଭୂତିକୁ ପୁନଃବିଶ୍ଲେଷିତ କରୁଛନ୍ତି । ଯେତେବେଳେ ପ୍ରିମିୟମ୍ ୨୦କେ+ ସେଗମେଣ୍ଟ କ୍ଷୁଦ୍ର ଥିଲା ପାରମ୍ପରିକ ଭାବେ ଆମେ ଏହି ସେଗମେଣ୍ଟରେ ବହୁଳ ଅଭିବୃଦ୍ଧି ଦେଖିବା ଆରମ୍ଭ କରୁଛୁ । ଆମୋଲିଡ଼୍ ସ୍କ୍ରିନ୍ ସହିତ ନୂତନ ପପ୍-ଅପ୍ କ୍ୟାମେରା ସହିତ ଇନ୍-ଡିସ୍‌ପ୍ଲେ ଫିଙ୍ଗରପ୍ରିଣ୍ଟ ସେନ୍ସର ପ୍ରଦାନ କରି, ଏହି ଫୋନ୍ ଆମର ଏମ୍‌ଆଇ ପ୍ରଶଂସକମାନଙ୍କୁ ବ୍ୟୟସାପେକ୍ଷ ମୂଲ୍ୟରେ ଉଚ୍ଚ ଗୁଣବତ୍ତା ସହିତ କଟିଂ-ଏଏଜ୍ ଜ୍ଞାନକୌଶଳ ପ୍ରଦାନ କରିବ ।"

# ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ଭାରତ ସରକାରଙ୍କ ସିଏସ୍‌ସି ଏସ୍‌ପିଭି ମିଳିତ ପ୍ରୟାସରେ ଗ୍ରାମାଞ୍ଚଳର ଛୋଟ ବ୍ୟବସାୟୀ ମାନଙ୍କ ପାଇଁ ମନିବ୍ୟାକ୍ କ୍ରେଡ଼ିଟ୍ କାର୍ଡ଼ର ଶୁଭାରମ୍ଭ

ଭୁବନେଶ୍ୱର: ନିବେଷକାରୀମାନଙ୍କ ସୁବିଧା ଅନୁଜାୟୀ ସର୍ବୋତ୍କୃଷ୍ଟ ଯୋଜନା ଯୋଗାଇ ଆସୁଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ଭାରତ ସରକାରଙ୍କ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି)ଏସ୍‌ପିଭି ମିଳିତ ହୋଇ ଗ୍ରାମାଞ୍ଚଳର ଛୋଟ ବ୍ୟବସାୟୀ ମାନଙ୍କ ପାଇଁ ମନିବ୍ୟାକ୍ କ୍ରେଡ଼ିଟ୍ କାର୍ଡ଼ର ଆରମ୍ଭ କରିଛନ୍ତି । ଏହି କାର୍ଡ଼ଟି ସିଏସ୍‌ସି ର ଛୋଟ ଓ ସ୍ୱଳ୍ପମିଆଦି ବ୍ୟବସାୟୀ(ଭିଏଲ୍‌ଇ) ଏବଂ ସେମାନଙ୍କର ଗ୍ରାହକଙ୍କ ସୁବିଧା ଅନୁଜାୟୀ ପ୍ରସ୍ତୁତ କରାଯାଇଛି । ଏହା ବ୍ୟବହାରକାରୀଙ୍କୁ ଅତି ସହଜ ଉପାୟରେ ସେମାନଙ୍କ ଦୈନନ୍ଦିନ ବ୍ୟବସାୟର ଖର୍ଚ୍ଚ ପାଇଁ ଟଙ୍କା ଯୋଗାଇ ପାରିବ ।

ଏହି କାର୍ଡ଼କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରି ଏବଂ ସିଏସ୍‌ସି ର ସିଇଓ ଶ୍ରୀଯୁକ୍ତ ଦିନେଶ କୁମାର ତ୍ୟାଗି ନୂଆ ଦିଲ୍ଲୀ ସ୍ଥିତ ଫୋର୍ଟ ଅଡ଼ିଟୋରୀୟମ୍ ଠାରେ ଆୟୋଜିତ ସିଏସ୍‌ସି ଦିବସ କର୍ମଶାଳାରେ ଶୁଭାରମ୍ଭ କରିଛନ୍ତି । ଏଥିରେ ୨୦୦୦ରୁ ଅଧିକ ମହିଳା ଭିଏଲ୍‌ଇ ଯୋଗଦେଇଥିଲେ ଯେଉଁଥିରେ କିଛି ମହିଳାଙ୍କୁ ଏହି କାର୍ଡ଼ ପ୍ରଦାନ କରାଯାଇଛି । ଏହି କର୍ମଶାଳାରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସରକାରୀ ଓ ବ୍ୟବସ୍ଥାୟୀକ ସଂସ୍ଥାନ ଏବଂ ଇ-କମର୍ସର ମୂଖ୍ୟ ସ୍ମିତା ଭଗତ୍ ମଧ ଉପସ୍ଥିତ ଥିଲେ । ମହିଳା ମାନଙ୍କୁ ସଶକ୍ତି କରଣ ପ୍ରଦାନ କରିବା ପାଇଁ ଭାରତର ସହର ଏବଂ ଗ୍ରାମାଞ୍ଚଳର କୋଣଅନୁକୋଣରେ ଉତ୍ତମ ସେବା ଯୋଗାଇବା ଆମର ଲକ୍ଷ୍ୟ ଓ ଏହି ଅଭିଯାନରେ ନିଜକୁ ସାମିଲ୍ କରିଥିବାରୁ ଆମେ ବହୁତ ଖୁସି ବୋଲି ସ୍ମିତା ଭଗତ୍ କହିଛନ୍ତି ।

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ସିଏସ୍‌ସି ମଧ୍ୟରେ ଜୁଲାଇ ୨୦୧୮ରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା ଯେଉଁଥିରେ ସିଏସ୍‌ସି ବ୍ୟାଙ୍କର ସେବା ଗୁଡ଼ିକୁ ଗ୍ରାମାଞ୍ଚଳରେ ପହଞ୍ଚାଇବାର ସୁଯୋଗ ପାଇଥିଲା । ଏହି ସେବା ଦ୍ୱାରା ଗ୍ରାମାଞ୍ଚଳର ଲକ୍ଷ୍ୟ ଲକ୍ଷ୍ୟ ଲୋକେ ସହଜରେ ବ୍ୟାଙ୍କ ସେବା ପାଇପାରିଛନ୍ତି । ସିଏସ୍‌ସି ଏସ୍‌ପିଭି ହେଉଛି ଏକ ବିଶେଷ ଉଦ୍ଦେଶ ବହନ କରୁଥିବା ଯାନ ଯାହା ଇଲୋକ୍ଟ୍ରୋନିକ୍ସ ଏଣ୍ଡ ଇନ୍‌ଫରମେସନ୍ ଟେକ୍ନୋଲୋଜି ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତୁତ ଓ ସରକାରଙ୍କ ଡ଼ିଜିଟାଲ୍ ଇଣ୍ଡିଆ କାର୍ଯ୍ୟ ଅନ୍ତର୍ଗତ ଏକ ପ୍ରକ୍ରିୟା ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମେଗା ରଣ ମେଳା ଓ କେଶଳ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ




ଭୁବନେଶ୍ୱର: ଜିଲ୍ଲାରେ ମହିଳା ଏସଏଚଜିର ପ୍ରସାର କରିବା ଲକ୍ଷ୍ୟ ନେଇ ଆଦିତ୍ୟ ବିର୍ଲା ଗ୍ରୁପର କଂପାନି ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ଓଡ଼ିଶା ଜୀବିକା ମିସନ, ସମ୍ବଲପୁରର ସମନ୍ୱୟରେ ନିକଟରେ ଏକ ମେଗା ରଣ ମେଳା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଏସଏଚଜି ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ଏବଂ ବ୍ୟାଙ୍କ ସହିତ କ୍ରେଡିଟ ଲିଙ୍କେଜ ଯୋଗାଇ ଦେବାୟ ଯାଂଚ ପରେ, ସମ୍ଭବ ବ୍ୟବସାୟ ପ୍ରସ୍ତାବଗୁଡ଼ିକୁ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ), ରେଙ୍ଗାଲିଙ୍କ ଦ୍ୱାରା ବ୍ୟାଙ୍କ ପାଖକୁ ସୁପାରିସ କରାଯାଇଥାଏ । ଧୋରାପାଣି ଠାରେ ଏହି ରଣ ମେଳା ଆୟୋଜନ କରାଯାଇଥିଲା ଯେଉଁଠାରେ ଓଡ଼ିଶା ଜୀବିକା ମିସନ (ଓଏଲଏମ)ର ପ୍ରତିନିଧି ଓ ଓରମାସର ସିଇଓ ଶ୍ରୀଯୁକ୍ତ ଶ୍ରୀମନ୍ତ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଏସଏଚଜି ଜରିଆରେ ମହିଳାମାନଙ୍କ ସାମାଜିକ-ଅର୍ଥନେତିକ ସଶକ୍ତୀକରଣରେ ଓଏଲଏମର ଭୂମିକା ଓ ଯୋଗ୍ୟତା ବିଷୟରେ ବର୍ଣ୍ଣନା କରିଥିଲେ ଏବଂ କମ ସୁଧ ହାରରେ ରଣ ଆବଟଂନ କରିଥିଲେ ଯଦ୍ୱାରା ଏସଏଚଜି ସଦସ୍ୟମାନେ ଲାଭବାନ ହେବେ । ଏହି ମେଳାରେ ୪୦ଟି ଏସଏଚଜିର ୨୮୫ ସଦସ୍ୟ ଏକତ୍ରୀତ ହୋଇଥିବା ଦେଖିବାକୁ ମିଳିଥିଲା ।



ଅନ୍ୟ ଏକ ଘଟଣାକ୍ରମେ, ସରକାରଙ୍କ ପ୍ରଧାନମନ୍ତ୍ରୀ ଗ୍ରାମୀଣ କେଶଳ ବିକାଶ ଯୋଜନା କିମ୍ବା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କେଶଳ ଯୋଜନା ଅଧୀନରେ କଂପାନି ପକ୍ଷରୁ ସିଏସଆର ସଷ୍ଟେନେବଲ ଲାଇଭଲିହୁଡ ପ୍ରୋଗ୍ରାମ (ସିଏସଆର ନିରନ୍ତର ଜୀବିକା କାର୍ଯ୍ୟକ୍ରମ) ଅଧୀନରେ ଡିଆରଡିଏ (ଜିଲ୍ଲା ଗ୍ରାମୀଣ ବିକାଶ ଏଜେନ୍ସି) ସମ୍ବଲପୁର ସହଯୋଗରେ ଏକ କେଶଳ ବିକାଶ ଓ ପ୍ଲେସମେଂଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସମାନ କାର୍ଯ୍ୟକ୍ରମକୁ ସେହି ଧୋରୋପାଣି ଗ୍ରାମରେ ଆୟୋଜନ କରାଯାଇଥିଲା; ଯେଉଁଠାରେ ୫୫ ଜଣ ଯୁବବର୍ଗ ଅଂଶଗ୍ରହଣ କରିଥିଲେ ଓ ପଂଜୀକୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସିଟିଆରଟି (ସେଂଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଂଟର)ର ଶ୍ରୀଯୁକ୍ତ ବିବେକାନନ୍ଦ ପଣ୍ଡା ଓ ଓରମାସର ଶ୍ରୀଯୁକ୍ତ ଶ୍ରୀମନ୍ତ ହୋତା ପରିଚାଳନା କରିଥିଲେ । ଉଭୟ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ ତରଫରୁ ଶ୍ରୀମତୀ ଶ୍ୱେତା ଉପାଧ୍ୟାୟ ଓ ଶ୍ରୀଯୁକ୍ତ ମନୋରଂଜନ ବେହେରା ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ସାଂସ୍କୃତିକ ପରିବର୍ତନକୁ ଆଗେଇ ନେଉଛି-ମାଇକ୍ରୋସଫ୍ଟ ବିଶ୍ୱର ସର୍ବବୃହତ୍ ପ୍ରାଇଭେଟ୍ ହାକାଥନ୍‌ର ଆୟୋଜନ

ଗୁରଗାଁଓ : ମାଇକ୍ରୋସଫ୍ଟ ଇଣ୍ଡିଆ ଏହାର ବାର୍ଷିକ ୱ୍ୱାନ୍ ୱ୍ୱିକ୍ ହାକାଥନ୍ ୨୦୧୯ ର ଷଷ୍ଠ ସଂସ୍କରଣର ଆୟୋଜନ କରୁଛି ଯାହାକି ବିଶ୍ୱର ସର୍ବବୃହତ୍ ପ୍ରାଇଭେଟ୍ ଗ୍ଲୋବାଲ୍ ହାକିଂ କାର୍ଯ୍ୟକ୍ରମ ଅଟେ । ଭାରତରେ ପ୍ରଥମ ଥର ପାଇଁ, ହାକାଥନ୍ ମଧ ଏହାର ଗ୍ରାହକ ଓ ଏନଜିଓମାନଙ୍କୁ ମାଇକ୍ରୋସଫ୍ଟ କ୍ୟାମ୍ପସକୁ ଆମନ୍ତ୍ରଣ କରିଛି ଓ ମାଇକ୍ରୋସଫ୍ଟର କର୍ମଚାରୀଙ୍କ ସହିତ ମିଶି ବାସ୍ତବିକ ଦୁନିଆରେ ଦେଖା ଦେଉଥିବା ଆହ୍ୱାନକୁ ସମାଧାନ କରିବା ପାଇଁ ପ୍ରଚେଷ୍ଟା କରୁଛି । ୨୦୧୪ ରେ ମାଇକ୍ରୋସଫ୍ଟ ୱ୍ୱାନ୍ ୱ୍ୱିକ୍ ଆରମ୍ଭ କରିଥିଲା, ଏଥିରେ ଅନେକ ଗୁଡ଼ିଏ କାର୍ଯ୍ୟ ସାମିଲ୍ ରହିଥିଲା ଯାହକି ବିଶ୍ୱର ବିଭିନ୍ନ କ୍ଷେତ୍ରର କମର୍ଚାରୀମାନଙ୍କୁ ଏକତ୍ରିତ କରିପାରିଥିଲା । ୱ୍ୱାନ୍ ୱ୍ୱିକ୍‌ରେ ପ୍ରମୁଖ କାର୍ଯ୍ୟକ୍ରମ ହେଉଛି ହାକାଥନ୍ ଯେଉଁଥିରେ ସମସ୍ୟାର ସମାଧାନ କରିବା ପାଇଁ କର୍ମଚାରୀମାନଙ୍କୁ ହାକ୍ କରିବା ପାଇଁ ଆମନ୍ତ୍ରଣ କରାଯାଇଥାଏ ତଥା ନୂତନ ଦକ୍ଷତାର ବିକାଶ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥାଏ ।

ରିନା ଦୟାଲ୍ ଯାଦବ, ଡାଇରେକ୍ଟର ଗ୍ୟାରେଜ୍ ଇଣ୍ଡିଆ, ମାଇକ୍ରୋସଫଟ କହିଛନ୍ତି ଯେ "ହାକାଥନ୍ ଜରିଆରେ କର୍ମଚାରୀମାନେ ଏକତ୍ରିତ ହୋଇ ସମସ୍ୟାର ସମାଧାନ କରିପାରିବେ ଓ ବୃହତ୍ ଲକ୍ଷ୍ୟ ହାସଲ କରିପାରିବେ । କର୍ମଚାରୀମାନେ ସେମାନଙ୍କର ଉତ୍ସାହର କାର୍ଯ୍ୟକୁ କରିପାରିବେ ଯାହାକି ସମସ୍ତଙ୍କ ପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ ।" ରୀନା ପୁଣି କହିଛନ୍ତି ଯେ, "ପ୍ରତି ବର୍ଷ ଆମେ ଗ୍ରାହକଙ୍କ ଆଗ୍ରହ, ବ୍ୟାପକତା ଓ ବିଭିନ୍ନତାକୁ ଦେଖିଥାଉ ଓ ମାଇକ୍ରୋସଫ୍ଟରେ ପାର୍ଟନରଙ୍କ ସହିତ ମିଶି କରି କାର୍ଯ୍ୟ କରିଥାଉ । ଚଳିତ ୱ୍ୱାନ୍‌ୱ୍ୱିକ୍ ହାକାଥନ୍ ୨୦୧୯ ପାଇଁ ଆମେ ବହୁତ ଉତ୍ସାହିତ । ଭାରତରେ ପ୍ରଥମ ଥର କରି ଆମେ ଗ୍ରାହକ ଓ ଏନ୍‌ଜିଓମାନଙ୍କୁ ଆମର କ୍ୟାମ୍ପସକୁ ଆମନ୍ତ୍ରଣ କରିଛୁ ଯେଉଁମାନେକି ମାଇକ୍ରୋସଫ୍ଟ କର୍ମଚାରୀମାନଙ୍କ ମିଶି ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ଟେକ୍‌ନୋଲୋଜି ଜରିଆରେ କରିପାରିବେ ।"

## ଶୋଭାରାମପୁର ଆକ୍ରମଣ ଘଟଣାରେ ଜଣେ ଗିରଫ

ବାଲେଶ୍ୱର,୨୫/୭: ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୧୮ ତାରିଖ ଦିନ ଅପରାହ୍ନରେ ଶୋଭାରାମପୁର ରେଳ ଫାଟକ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା । ଏହି ଆକ୍ରମଣରେ ଅଭିଯୁକ୍ତ ଭାସ୍କରଗଞ୍ଜ ଅଞ୍ଚଳର ବିନୋଦ ବିହାରୀ ଦାସଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଆକ୍ରମଣର ଶିକାର ହୋଇ ଗୁରୁତର ଅବସ୍ଥାରେ ପଡିଥିବା ସହଦେବଖୁଣ୍ଟା ଥାନା ଭାସ୍କରଗଞ୍ଜ ଅଞ୍ଚଳର ରବିନ୍ଦ୍ର ସେଠୀଙ୍କ ପୁଅ ବଳରାମ ସେଠୀ (୨୪)ଙ୍କୁ ପୁଲିସ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିଲା ।

# ଏସ୍‌ବିଆଇ ଲାଇଫର ତ୍ରୟମାସିକ ଆର୍ଥିକ ଫଳାଫଳ ଘୋଷଣା

ମୁମ୍ବାଇ : ୨୦୧୯ ଜୁନ୍ ୩୦ ତାରିଖ ସୁଦ୍ଧା ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଏସ୍‌ବିଆଇ ଜୀବନ ବୀମାର ନୂଆ ବ୍ୟବସାୟ କିସ୍ତିରେ ୫୨% ଅଭିବୃଦ୍ଧି ଏହା ୩୧୫୪ କୋଟି ଟଙ୍କା ହୋଇଛି, ଯାହା ଗତ ଆର୍ଥିକ ବର୍ଷର ଏହି ସମୟରେ ୨୦୭୬ କୋଟି ଟଙ୍କା ଥିଲା । ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଏସ୍‌ବିଆଇ ଜୀବନ ସୁରକ୍ଷାର ନୂଆ ବ୍ୟବସାୟିକ କିସ୍ତି ସଂଗ୍ରହ ୪୩୬ କୋଟି ଟଙ୍କା ହୋଇଛି ଯାହାକି ୧୦୬% ଅଭିବୃଦ୍ଧି । ପୂର୍ବ ଆର୍ଥିକ ବର୍ଷର ଏହି ସମୟରେ କିସ୍ତି ସଂଗ୍ରହ ପରିମାଣ ୨୧୨ କୋଟି ଟଙ୍କା ଥିଲା । ସେହିପରି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ବ୍ୟକ୍ତିଗତ ବୀମା କିସ୍ତି ସଂଗ୍ରହ ପରିମାଣ ୪୧% ବୃଦ୍ଧି ପାଇ ୧୮୭୨ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷ ଏହି ସମୟରେ ୧୩୨୬ କୋଟି ଟଙ୍କା ଥିଲା ।

ଏହି ସମୟରେ ଟିକସ ବାଦେ ଲାଭ ପରିମାଣ ୫% ବୃଦ୍ଧି ପାଇ ୩୭୨ କୋଟି ଟଙ୍କା ହୋଇଛି ଯାହା ଗତବର୍ଷ ୩୫୪ କୋଟି ଟଙ୍କା ଥିଲା । ଏସବିଆଇ ଲାଇଫର ଏୟୁଏମର ଅଭିବୃଦ୍ଧି ୨୨% ହୋଇ ଏହା ୧,୪୬,୯୫୪ କୋଟି ଟଙ୍କା ହୋଇଛି, ଯାହା ପୂର୍ବବର୍ଷ ୧,୨୦,୨୭୯ କୋଟି ଟଙ୍କା ଥିଲା । ଏହି ସମୟରେ କଂପାନୀର କାର୍ଯ୍ୟକାରୀ ବ୍ୟୟ ୯.୭%ରୁ ୭.୪% କୁ ହ୍ରାସ ପାଇଛି । ଦୃଢ଼ ବ୍ୟାଙ୍କାସୁରାନ୍ସ ସହ ଦେଶବ୍ୟାପୀ ୯୨୨ଟି କାର୍ଯ୍ୟାଳୟ ଜରିଆରେ ଏସ୍‌ବିଆଇ ବିଭିନ୍ନ ଉତ୍ପାଦ ଯୋଗାଇ ଦେଉଛି ଏବଂ ଏହି କାର୍ଯ୍ୟରେ ୧୭୪,୭୫୩ ବୃତ୍ତିଧାରୀ ନିଯୁକ୍ତ ଅଛନ୍ତି ।

# ଗ୍ରାମ ଉନ୍ନୟନ ବିଭାଗର ଇଲେକ୍ଟ୍ରିକାଲ ଡ଼ିଏଲ୍‌ଆରମାନଙ୍କ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ସତ୍ୟାଗ୍ରହ



ଭୁବନେଶ୍ୱର, (ପିଏନ) : ଗ୍ରାମ୍ୟ ଉନ୍ନୟନ ବିଭାଗର ଇଲେକ୍ଟ୍ରିକାଲ ଡ଼ିଏଲ୍‌ଆରମାନେ ଆଜକୁ ଦୀର୍ଘ ୨୬ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ମଧ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉନଥିବା ବେଳେ ସେମାନଙ୍କର ୬ମାସର ଦରମା ନ ମିଳିବାରୁ ସଂଘ ପକ୍ଷରୁ ଆସନ୍ତା ତା ୧୨.୯.୨୦୧୯ରିଖ ଦିନ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀଯୁକ୍ତ ଶୈଳେନ୍ଦ୍ର ନାଥ ମହାନ୍ତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ସତ୍ୟାଗ୍ରହ କରାଯିବାକୁ ଗ୍ରାମ୍ୟ ଉନ୍ନୟନ ଇଲେକ୍ଟ୍ରିକାଲ ଡ଼ିଏଲ୍‌ଆର ସଂଘ ପକ୍ଷରୁ ସଭାପତି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ବିକ୍ରମ କେଶରୀ ବର୍ମା, ଉପସଭାପତି ମହମ୍ମଦ ଅଲ୍ଲୀ ଓ ସାଧାରଣ ସମ୍ପାଦକ ଜାକିର୍ ଖାଁ ଏକ ପ୍ରେସ୍ ବିଜ୍ଞପ୍ତିରେ ଘୋଷଣା କରିଛନ୍ତି । ପ୍ରକାଶଥାଉକି ତା ୧୨.୯.୧୯୯୩ରିଖ ପରେ ନିଯୁକ୍ତ ପାଇଥିବା ଡ଼ିଏଲ୍‌ଆରମାନଙ୍କୁ ରେଗୁଲାରରୁ ବଞ୍ଚିତ କରିଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ତା ୬.୧୧.୨୦୧୩ରିଖରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି କରିଥିଲେ ମଧ ଏପର୍ଯ୍ୟନ୍ତ ତାହା ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରି ଦରମା ବନ୍ଦ କରିଦେଇଛନ୍ତି ।। ଜନପ୍ରିୟ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ଚକ୍ରାନ୍ତ । ତେଣୁ ଏହା ବିରୁଦ୍ଧରେ ତା ୧୨.୯.୨୦୧୯ରିଖରେ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ସତ୍ୟାଗ୍ରହ କରାଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓ ଗ୍ରାମ୍ୟ ଉନ୍ନୟନ ଶାସନ ସଚିବଙ୍କୁ ସଂଘ ପକ୍ଷରୁ ବିନମ୍ର ନିବେଦନ କରାଯାଉଛି ।

## ଓପୋ ଏହାର ଅନଲାଇନ ଉତ୍ପାଦ ଶ୍ରେଣୀରେ ଓପୋ 'କେ୩'କୁ ଯୋଡିଲା

ନୂଆଦିଲ୍ଲୀ : ଅଗ୍ରଣୀ ସ୍ମାର୍ଟଫୋନ ବ୍ରାଣ୍ଡ କମ୍ପାନୀ ଓପୋ ପକ୍ଷରୁ ଏହାର 'କେ' ଶୃଙ୍ଖଳକୁ ସଂପ୍ରସାରଣ ସହ ଏହାର ନୂତନ ସ୍ମାର୍ଟଫୋନ ଓପୋ 'କେ ୩'ର ଶୁଭାରମ୍ଭ କରାଯାଇଛି । ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଏହି ଓପୋ 'କେ ୩', ଅତ୍ୟାଧୁନିକ ଜ୍ଞାନ କୌଶଳ ଏବଂ ଷ୍ଟାଇଲିସ ଡିଜାଇନର ସମାହାରରେ ପ୍ରସ୍ତୁତ ହୋଇଛି । ୬ଜିବି ରାମ୍+୬୪ଜିବି ରୋମ୍ ଥିବା ଭ୍ୟାରିଏଣ୍ଟର ମୂଲ୍ୟ ୧୬,୯୯୦ ଏବଂ ୮ଜିବି ରାମ + ୧୨୮ଜିବି ରୋମ୍ ଥିବା ଭ୍ୟାରିଏଣ୍ଟର ମୂଲ୍ୟ୧୯,୯୯୦ ଥିବାବେଳେ ଏହା ଆମାଜନ.ଇନରେ ଉପଲବ୍ଧ ହେବ । ସ୍ମାର୍ଟଫୋନଟିର ଶୁଭାରମ୍ଭ ଅଫର ଅନୁଯାୟୀ, ସମସ୍ତ ଗ୍ରାହକମାନେ ଆମାଜନ ପେ ବାଲାନ୍ସ ଦ୍ୱାରା୧୦୦୦ ଟଙ୍କା ପାଇବା ସହ ଏହାର ମୂଲ୍ୟରେ ହ୍ରାସ ଘଟି ୬ଜିବି +୬୪ଜିବି ଭ୍ୟାରିଏଣ୍ଟର ମୂଲ୍ୟ ୧୫,୯୯୦ ଏବଂ ୮ଜିବି + ୧୨୮ଜିବି ଭ୍ୟାରିଏଣ୍ଟର ମୂଲ୍ୟ ୧୮,୯୯୦ ରହିବ ।

## ଆଇଟିସିର ଆଶୀର୍ବାଦ ଲୁଣ ଦ୍ୱାରା ବିଶେଷ ପ୍ରୟାସ

କଟକ: ଆଇଟିସିର ଆଶୀର୍ବାଦ ଲୁଣ ଏହାର ପ୍ରାକୃତିକ ସାମୁଦ୍ରିକ ଲବଣ, ପ୍ରକ୍ରିୟାକରଣ ଏବଂ ଉଚ୍ଚମାନର ପରିଚ୍ଛନ୍ନତା ବ୍ୟବହାର, ଓଡ଼ିଶାର ବୃହତମ ବାର୍ଷିକ ଉତ୍ସବ, ପୁରୀ ରଥଯାତ୍ରାରେ ସାମିଲ୍ ହେବା ପାଇଁ ଗୌରବାନ୍ୱିତ । ଆଶୀର୍ବାଦ ଲୁଣ ଦ୍ୱାରା ରଥଯାତ୍ରା ସମୟରେ ଅସହ୍ୟ ଗରମ ଓ ଗୁଳୁଗୁଳି ବରଦାସ୍ତ କରିବା ପାଇଁ ହଜାର ହଜାର ଭକ୍ତଙ୍କୁ ଶକ୍ତି ପ୍ରଦାନ କରିବା ପାଇଁ ଏବର୍ଷ ଏକ ବିଶେଷ ପ୍ରୟାସ ଆରମ୍ଭ କରିଛନ୍ତି । ଆଶୀର୍ବାଦ ସଲଟ ଏହାର ପ୍ରୟାସ 'ଚୁଟର୍କି ଭର ଆଶୀର୍ବାଦ' ସହିତ ଯାତ୍ରୀମାନଙ୍କୁ ଜଳ ସେବା ପ୍ରଦାନ କରିଥିଲେ ।

୧୦ ଦିନ ଧରି ଚାଲିଥିବା ଏହି ବାର୍ଷିକ ଉତ୍ସବରେ ଭକ୍ତମାନେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରଠାରୁ ଆରମ୍ଭ କରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ୨ କିଲୋମିଟର ବ୍ୟାପୀ ବଡଦାଣ୍ଡରେ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ, ଆଉ ଏହି ଘୋଷଯାତ୍ରା ସମୟରେ ହଜାର ହଜାର ଭକ୍ତଙ୍କୁ ଅଭ୍ୟର୍ଥନା ଜଣାଇଥିଲା ଆଶୀର୍ବାଦ ଲୁଣର ସ୍ୱତନ୍ତ୍ର 'ନିମ୍ବୁ ପାଣି' ରଥ । ଏହି ଅନୁଦାନମୂଳକ ଦୃଷ୍ଟିଭଙ୍ଗୀ ସହ ୪ ଜୁଲାଇ ୧୨ ଜୁଲାଇ ବ୍ୟାପୀ ଏହି ଯାତ୍ରା ସମୟରେ ଆମ ବ୍ରାଣ୍ଡ ୧ ଲକ୍ଷରୁ ଅଧିକ ସଂଖ୍ୟକ ଭକ୍ତଙ୍କୁ ୧୧,୦୮୬ ଲିଟର ନିମ୍ବୁ ପାଣି ଯୋଗାଇ ଦେଇଛି । ଏହି ଅବସରରେ, ଆଇଟିସି ଲିମିଟେଡ, ଷ୍ଟାପଲସ୍ ଆଣ୍ଡ ଆରଟିଇ -ଫୁଡ୍ସ, ମାର୍କେଟିଂ ମ୍ୟାନେଜର ଶ୍ରୀ ସୁରେଶ ଚାନ୍ଦ - କହିଛନ୍ତି "ବ୍ରାଣ୍ଡ ଆଶୀର୍ବାଦର ଆଦର୍ଶ ହେଉଛି 'ପ୍ରକୃତି ମାଧ୍ୟମରେ ପରିପୁଷ୍ଟ ହେବା' । ମୁଁ ଅନୁଭବ କରିଥିଲି ଯେ ଆଶୀର୍ବାଦ ଲୁଣ ରଥଯାତ୍ରା ଉତ୍ସବ ସମୟରେ ହଜାର ହଜାର ଭକ୍ତଙ୍କୁ ସତେଜତା ପ୍ରଦାନକାରୀ ପାନୀୟ ଯେପରିକି ନିମ୍ବୁ ପାଣି ପ୍ରଦାନକାରୀ ଏହି ପବିତ୍ର ଯାତ୍ରାରେ ଅର୍ଥପୂର୍ଣ୍ଣ ଯୋଗଦାନ କରିପାରିବ । ଆମ୍ଭମାନଙ୍କ ପାଇଁ, ଏହି ପ୍ରୟାସ ପ୍ରାମଣ କରେ ଯେ ଚିମୁଟେ ଆଶୀର୍ବାଦ ଲୁଣ ଉପଭୋକ୍ତାମାନଙ୍କ ଜୀବନର ଶକ୍ତିର ଭଣ୍ଡାର ହୋଇପାରେ ।"

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday November 28 | ଭୁବନେଶ୍ୱର | ଗୁରୁବାର, ନଭେମ୍ବର ୨୮ | Daily Edition : R.N.I.No: ODIODI/1999/00717 Postal Regd. No: BN/57/18-20 | www.paryabekhyak.com




## ସିପିଏଚ୍ଆଇ ଆଣ୍ଡ୍ ପି-ଏମ୍ଇସି'ର ଗ୍ରେଟର ନୋଏଡାରେ ଶୁଭାରମ୍ଭ



ଭୁବନେଶ୍ୱର: ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଂଟରରେ ଦକ୍ଷିଣ ଏସିଆର ସର୍ବବୃହତ ଫାର୍ମା ଏକ୍ସପୋ "ସିପିଏଚ୍ଆଇ ଆଣ୍ଡ ପି-ଏମ୍ଇସି'ର ୧୩ତମ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି । ଏହି ତିନିଦିନିଆ ଏକ୍ସପୋକୁ ଇନଫର୍ମା ମାର୍କେଟସ ଇନ ଇଣ୍ଡିଆ ତରଫରୁ ଆୟୋଜନ କରାଯାଇଛି ଯାହା ନଭେମ୍ବର ୨୬ରୁ ଆରମ୍ଭ ହୋଇଛି ଓ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଇନଫର୍ମା ମାର୍କେଟସ ଏହି ସର୍ବବୃହତ କାର୍ଯ୍ୟକ୍ରମରେ ୪୫ଟି ଦେଶର ୧୬୦୦ରୁ ଅଧିକ ପ୍ରଦର୍ଶନକାରୀ ଅଂଶଗ୍ରହଣ କରିଛନ୍ତି । ସାରା ବିଶ୍ୱରେ ଫାର୍ମା କ୍ଷେତ୍ରରେ ଚାଲିଥିବା ବିକାଶକୁ ଏହି ଏକ୍ସପୋରେ ପ୍ରଦର୍ଶିତ କରାଯାଇଛି । ଏହାକୁ ଫାର୍ମା କ୍ଷେତ୍ରର ନିୟାମକ ସଂସ୍ଥା ଯଥା ଫାର୍ମାଏକ୍ସିଲ, ସିପି ଏବଂ ଆଇଡିଏମଏ ଆଦିର ସମର୍ଥନ ମିଳିଛି ।

ଏହି ଏକ୍ସପୋକୁ ଫାର୍ମାଏକ୍ସିଲର ଅଧ୍ୟକ୍ଷ ଡକ୍ଟର ଦିନେଶ ଦୁଆ ଉଦ୍ଘାଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ଫାର୍ମାସ୍ୟୁଟିକାଲ ମାନୁଫାକଚର୍ସ ଆସୋସିଏସନର ସଭାପତି ଶ୍ରୀଯୁକ୍ତ ମହେନ୍ଦ୍ର ମେହେତା, ଉପସଭାପତି ସମୀର ଲିମାୟ, ଫାର୍ମାଏକ୍ସିଲର ଡିଜି ଉଦୟ ଭାସ୍କର, ସୁପ୍ରିୟା ଲାଇଫ ସାଇନସେସର ସିଏମଡି ଡକ୍ଟର ସତୀଶ ବାଗ୍, ଇନଫର୍ମା ମାର୍କେଟସ ଇନ ଏସିଆର ଇଭିପି ମାଇକେଲ ଡକ, ଇନଫର୍ମା ମାର୍କେଟସ ଇନ ଇଣ୍ଡିଆର ଏମଡି ଯୋଗେଶ ମୁଦ୍ରାସ ଓ ଗ୍ରୁପ ଡାଇରେକ୍ଟର ରାହୁଲ ଦେଶପାଣ୍ଡେ ଉପସ୍ଥିତ ଥିଲେ । ଏହି ଏକ୍ସପୋ ସଂକ୍ରାନ୍ତରେ ଶ୍ରୀଯୁକ୍ତ ଯୋଗେଶ ମୁଦ୍ରାସ, ଏମଡି, ଇନଫର୍ମା ମାର୍କେଟସ ଇନ ଇଣ୍ଡିଆ କହିଛନ୍ତି ଯେ, "ସିପିଏଚଆଇ ଆଣ୍ଡ ପି-ଏମଇସିର ୧୨ଟି ସଂସ୍କରଣ ଯୋଗୁ ଫାର୍ମା କ୍ଷେତ୍ରରେ ଅନେକ ବିକାଶ ଘଟିଛି ।

## ଏୟାରଟେଲ୍ ୱିଙ୍କ୍ ଏବେ ଭାରତର ନମ୍ବର ୱାନ୍ ମ୍ୟୁଜିକ୍ ଆପ୍

ଭୁବନେଶ୍ୱର: ଭାରତର ସ୍ମାର୍ଟଫୋନ୍ ଉପଭୋକ୍ତାଙ୍କ ମଧ୍ୟରେ ଏୟାରଟେଲ୍‌ର ଓଟିଟି ମ୍ୟୁଜିକ୍ ଷ୍ଟ୍ରିମିଙ୍ଗ୍ ଆପ୍ ୱିଙ୍କ୍ ମ୍ୟୁଜିକ୍ ଏହାର ଲୋକପ୍ରିୟତା ନିରନ୍ତର ଭାବେ ବୃଦ୍ଧି ପାଉଥିବା ଦେଖିବାକୁ ପାଉଛି । ଏୟାରଟେଲ୍ ପକ୍ଷରୁ ଆଜି କୁହାଯାଇଛି, ଆପ୍ ଆନିରୁ ମିଳିଥିବା ଅକ୍ଟୋବର ୨୦୧୯ର ତଥ୍ୟ ମୁତାବକ ଦୈନିକ ସକ୍ରିୟ ଉପଭୋକ୍ତା ଆଧାରରେ ୱିଙ୍କ୍ ମ୍ୟୁଜିକ୍ ହେଉଛି ଭାରତର ନମ୍ବର ୱାନ୍ ମ୍ୟୁଜିକ୍ ଷ୍ଟ୍ରିମିଙ୍ଗ୍ ଆପ୍ । ଏହି ପ୍ରଦର୍ଶନ ମାନକ ଦର୍ଶାଉଛି ଯେ, ସ୍ମାର୍ଟଫୋନରେ ସଙ୍ଗୀତ ଶୁଣିବା କ୍ଷେତ୍ରରେ ୱିଙ୍କ୍ ମ୍ୟୁଜିକ୍ ହେଉଛି ଅଧିକାଂଶ ଉପଭୋକ୍ତାଙ୍କର ପ୍ରଥମ ପସନ୍ଦ ।

ଏହି ପରିପ୍ରେକ୍ଷୀରେ ଭାରତୀ ଏୟାରଟେଲ୍ ପକ୍ଷରୁ ଏହାର ମୁଖ୍ୟ ଉତ୍ପାଦ ଅଧିକାରୀ, ଆଦର୍ଶ ନାୟାର କହିଛନ୍ତି ଯେ, "ଆମ ଟିମ୍ ଉପଭୋକ୍ତାଙ୍କ ପାଇଁ ସର୍ବାଧିକ ବ୍ୟକ୍ତିଗତ ସଙ୍ଗୀତ ଅଭିଜ୍ଞତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ଆମ ଉପଭୋକ୍ତାଙ୍କ ପସନ୍ଦକୁ ବୁଝିବା ସହ ୱିଙ୍କରେ ସଙ୍ଗୀତ ତାଲିକା ଆମକୁ ଏକ ଅତୁଳନୀୟ ଉତ୍ପାଦ ନିର୍ମାଣ କରିବାକୁ ସକ୍ଷମ କରିଛି । ଏଥି ସହିତ ଏୟାରଟେଲ୍ ଉପଭୋକ୍ତାମାନେ ଆମର ଥାଙ୍କସ୍ କାର୍ଯ୍ୟକ୍ରମ ଜରିଆରେ ୱିଙ୍କରେ ଲକ୍ଷ ଲକ୍ଷ ଗୀତର ଏକ ମାଗଣା ସବସ୍କ୍ରିପସନ ପାଇପାରିବେ ।"

## ଜେସିବିଇଣ୍ଡିଆ ଅନୁଗୁଳରେ ଏକ ନୂତନ ଡିଲରସିପ ସୁବିଧାର ଉଦଘାଟନ

ଅନୁଗୁଳ/ଭୁବନେଶ୍ୱର: ମାଟି ଘୁଂଚାଇବା ଏବଂ ନିର୍ମାଣ ଉପକରଣରର ଭାରତର ଅଗ୍ରଣୀ ନିର୍ମାତା ଜେସିବିଇଣ୍ଡିଆ । ଲିମିଟେଡ ଏବଂ ଏହାର ଡିଲର ସାମଲ ଇକ୍ୟୁପ ଅନୁଗୁଳ ଠାରେ ଏକ ବିଶ୍ୱ ସ୍ତରୀୟ ସୁବିଧା ଉଦଘାଟନ କରିଛନ୍ତି । ଗ୍ରାହକମାନଙ୍କୁ ଏକ ଅନେକ ଅନୁଭବ ପ୍ରଦାନ କରିବା ପାଇଁ ଅତ୍ୟାଧୁନିକ ସୁବିଧା ନିର୍ମାଣ କରାଯାଇଛି ଏବଂ ଏହା ଜେସିବି'ର ପୁରା ଉତ୍ପାଦ ପୋର୍ଟଫୋଲିଓ ଗ୍ରାହକଙ୍କ ପ୍ରଦାନ କରିବ । ୨୮,୦୦୦ ବର୍ଗ ଫୁଟରେ ବିସ୍ତାର ହୋଇଥିବା ସାମଲ ଇକ୍ୟୁପ ପ୍ରାୟ ୨୦୦ ଜଣକୁ ନିଯୁକ୍ତି ଦେଇଛି ଯେଉଁଥିରେ ବିକ୍ରି, ସେବା ଏବଂ ପାର୍ଟ୍ସ ଟିମ ସାମିଲ ଅଛନ୍ତି । ବିଶେଷ ହାଇଡ୍ରୋଲିକ ଏବଂ ନ୍ୟୁମେଟିକ ଟୁଲ, ଏକ ୱେଲଡିଙ୍ଗ ଓ ସର୍ଭିସ ପ୍ରଶିକ୍ଷଣ ସୁବିଧା ସହିତ ଏହା ଏକ ୪-ୱେ ଏକୀକୃତ କାର୍ଯ୍ୟଶାଳା ଦ୍ୱାରା ସୁସଜ୍ଜିତ ହୋଇଛି । ଜେସିବିଇଣ୍ଡିଆ'ର ଏମଡି ଓ ସିଇଓ ମିଷ୍ଟର ସୁବୀର କୁମାର ଚୌଧୁରୀ, କହିଲେ, "ଜେସିବିଇଣ୍ଡିଆ ପାଇଁ ଓଡିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଅଟେ । ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଭଣ୍ଡାରର ପରିପୂର୍ଣ୍ଣସହିତ ରାଜ୍ୟର ଷ୍ଟ୍ରେଟେଜିକ ଲାଭ ରହିଛି ଏହି ନୂତନ ସୁବିଧାରେ ନିବେଶ କରି ଓଡିଶାରେ ଆମର ଗ୍ରାହକମାନଙ୍କ ପାଇଁ ଜେସିବି ଉତ୍ପାଦର ବିକ୍ରି, ସେବା ଏବଂ ପାର୍ଟ୍ସପାଇଁ ଜେସିବି ଏବଂ ସାମଲ ଇକ୍ୟୁପ ସଂପୂର୍ଣ୍ଣପ୍ରତିବଦ୍ଧ ଅଟନ୍ତି ।" ଜେସିବି କର୍ପୋରେଟ ପରିଚୟ ଦିଗନିର୍ଦ୍ଦେଶ ଅନୁସାରେ ଡିଲରସିପ'ର ଆଧାରଭୂତ-ସରଚଂନା ପ୍ରସ୍ତୁତ କରାଯାଇଛି ଏବଂ ଜେସିବିମାନକୀକୃତ ପ୍ରଣାଳୀ ଓ ପ୍ରକ୍ରିୟା ଦ୍ୱାରା ସଜ୍ଜିତ କରାଯାଇଛି । ଗ୍ରାହକମାନଙ୍କ ଦକ୍ଷତାର ସହିତ ଫ୍ଲିଟ ପରିଚାଳନା କରିବାକୁ ସକ୍ଷମ କରିବା ପାଇଁ ଜେସିବି ଦ୍ୱାରା ଆରମ୍ଭ କରାଯାଇଥିବା "ଲାଇଭଲିଙ୍କ" ଏକ ଆଧୁନିକ ଟେଲିମେଟ୍ରିକ ପ୍ରାଦ୍ୟୋଗିକୀ ପାଇଁ ଅତ୍ୟାଧୁନିକ ସଂପୂର୍ଣ୍ଣ ସଂଚାଳନୀୟ କମାଣ୍ଡ କେନ୍ଦ୍ର ମଧ୍ୟ ଡିଲରସିପର ରହିଛି । ସାଇଟ ଦକ୍ଷତା ବୃଦ୍ଧି କରିବା ଏବଂ ଉତ୍ପାଦକତା ଉନ୍ନତ କରିବା ପାଇଁ ଜେସିବି ଲାଇଭଲିଙ୍କ ରଚନାତ୍ମକ, ପ୍ରକୃତ- ସମୟ ସୂଚନା ପ୍ରଦାନ କରିବା ପାଇଁ ପ୍ରୟାସ କରିଥାଏ । ଜେସିବି ମସିନର ସେବା, ସଂଚାଳନ ଏବଂ ସୁରକ୍ଷା ଉପରେ ଏହା ଦେଉଥିବା ସୂଚନା ମାଧ୍ୟମରେ ଏହାର ମସିନର ଗ୍ରାହକ ଅନୁଭୂତିକୁ ଜେସିବିର ମୌଳିକ ଭାବେ ପରିବର୍ତ୍ତନ ଏବଂ ଉନ୍ନତ କରିଛି ।

## କେୟାର ହସପିଟାଲକୁ ବେଆଇନ ଭାବେ ପାକିସ୍ତାନୀକୁ ବିକ୍ରୀ କରା ଯିବାକୁ ନେଇ ବିଧାନସଭାରେ ଉଦବେଗ

ଭୁବନେଶ୍ୱର : ଭୁବନେଶ୍ୱର ସ୍ଥିତ ଘରୋଇ ହସପିଟାଲକୁ ଜଣେ ପାକିସ୍ତାନୀଙ୍କୁ ସରକାରଙ୍କ ବିନା ଏନଓସିରେ ବିକ୍ରୀ କରାଯିବା ନେଇ ଘଟଣା ଉପରେ ବିରୋଧୀ ବିଧାୟକ ମାନେ ଉଦବେଗ ପ୍ରକାଶ କରିଛନ୍ତି । ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ସମେତ ଉଭୟ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ଏହି ଘଟଣାକୁ ବିଧାନସଭାରେ ଉଠାଇ ଚିନ୍ତା ବ୍ୟକ୍ତ କରିଥିଲେ ।ଅନ୍ୟପକ୍ଷରେ ବିରୋଧୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତେବେ କେୟାର ହସ୍ପିଟାଲ୍ କର୍ତ୍ତୃପକ୍ଷ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଏଭଳି କୌଣସି ବ୍ୟକ୍ତିଙ୍କ ମାଲିକାନାରେ କେୟାର ହସ୍ପିଟାଲ ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ହସ୍ପିଟାଲରେ କୌଣସି ସମସ୍ୟା ନାହିଁ, ଆମେ ଏନଓସି ଆଣିଛୁ ଅଯଥାରେ ବିବାଦ କରାଯାଉ ବୋଲି ପ୍ରେସ୍ ରିଲିଜ୍ ରେ କୁହାଯାଇଛି । ଏହା ପୂର୍ବରୁ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ଟିମ୍ କେୟାର ହସ୍ପିଟାଲ୍ ରେ ରେଡ୍ କରିଥିଲା । ଡ୍ରଗ୍ସ କଂଟ୍ରୋଲର ଅଧିକାରୀଙ୍କ ତରଫରୁ ଏହି ଯାଂଚ କରାଯାଇଥିଲା । ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ଶୂନ୍ୟକାଳରେ ଏହି ପ୍ରଶ୍ନ ଉଠାଇ କହିଥିଲେ ଯେ ଭୁବନେଶ୍ୱର ସ୍ଥିତ ବେସରକାରୀ ହସପିଟାଲ କେୟାର ହସପିଟାଲକୁ ଜଣେ ପାକିସ୍ତାନୀ ଯାହା ଉପରେ କିଡନି ଚୋରୀର ଅଭିଯୋଗ ରହିଛି ତାକୁ ବିକ୍ରୀ କରିବା ନେଇ ଖବର ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କ ଠାରୁ ମଧ୍ୟ ଏ ସମ୍ପର୍କରେ ଏନଓସି ନିଆ ଯାଇ ନ ଥିବା ମଧ୍ୟ କୁହା ଯାଉଛି । ଏହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି ।କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ଏହି ପ୍ରଶ୍ନ ଉଠାଇ କହିଛନ୍ତି ଯେ ସରକାର ଅତି କମ ମୂଲ୍ୟରେ ବେସରକାରୀ ଡାକ୍ତରଖାନା ମାନଙ୍କୁ ଜମି ପ୍ରଦାନ କରି ଥାନ୍ତି । ସରକାରଙ୍କର ଉଦ୍ଦେଶ୍ୟ ଥାଏ ଯେ କିଛି ଗରୀବ ଲୋକ ଏହା ଦ୍ୱାରା ଲାଭବାନ ହେବେ । ମାତ୍ର କେୟାର ହସପିଟାଲକୁ ଜଣେ ଅପରାଧୀକୁ ବିକ୍ରି କରି ଦେବାକୁ ନେଇ ଖବର ଆସିଛି ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ମାମଲାରେ ରାଜ୍ୟ ସରକାରଙ୍କ ଠାରୁ ଏନଓସି ମଧ୍ୟ ନିଆ ଯାଇ ନାହିଁ । ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ବିନା ଏନଓସିରେ ଏହା କିପରି ହେଉଛି ବୋଲି ପ୍ରଶ୍ନ କରିଥିଲେ ।

## କେୟାର ହସ୍ପିଟାଲର ସ୍ପଷ୍ଟିକରଣ

ଭୁବନେଶ୍ୱର:ଏହା କେୟାର ହସ୍ପିଟାଲସ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି ଯେ ବେଆଇନ ଭାବେ କିଡନି ପ୍ରତିରୋପଣ କରାଯାଉଥିବା ଏବଂ ପାକିସ୍ତାନୀ ସମ୍ପର୍କ ଯୋଡ଼ି କିଛି ବ୍ୟକ୍ତି କେୟାର ହସ୍ପିଟାଲସ ଭୁବନେଶ୍ୱରର ନାମକୁ ବଦନାମ କରିବାକୁ ପ୍ରୟାସ କରୁଛନ୍ତି ଯାହା ସମ୍ପୂର୍ଣ୍ଣ ରୂପେ ଭିତିହୀନ, ମିଥ୍ୟା ଏବଂ ଅବାସ୍ତବ ।
କେୟାର ହସ୍ପିଟାଲସ୍ ଭୁବନେଶ୍ୱର କିଡ୍‌ନି ପ୍ରତିରୋପଣ ଲାଇସେନ୍ସ ହାସଲ କରିବା ପ୍ରକ୍ରିୟାରେ ରହିଛି ଏବଂ ଆଜି ପର୍ଯ୍ୟନ୍ତ ହସ୍ପିଟାଲ୍‌ରେ ଗୋଟିଏ ବି ପ୍ରତିରୋପଣ କରାଯାଇନାହିଁ । କେୟାର ହସ୍ପିଟାଲ୍ କର୍ତ୍ତୃପକ୍ଷ ଅବଗତ ଅଛନ୍ତି ଯେ କିଛି ଅନୈତିକ ବ୍ୟକ୍ତି କେୟାର ହସ୍ପିଟାଲ୍‌ସର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବାକୁ ଚାହୁଁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏଭଳି ମିଥ୍ୟା, ବିଭ୍ରାନ୍ତିକରଣ ଏବଂ ଅତିରଂଜିତ ଖବରକୁ ପ୍ରକାଶ କରିବା ପୂର୍ବରୁ ତାହାର ସତ୍ୟତାକୁ ଯାଂଚ ନକରି ଭୁବନେଶ୍ୱରର ଯେଉଁ ଦୁଇଟି ସ୍ଥାନୀୟ ଖବର କାଗଜ ଏହି ଖବର ଛାପିଛନ୍ତି ସେମାନଙ୍କୁ କେୟାର ହସ୍ପିଟାଲସ୍ ତରଫରୁ ଆଇନଗତ ନୋଟିସ୍ ଜାରି କରାଯାଇଛି ।

## ଆର୍ଥିକ ସେବା ଓ ବୀମା କଂପାନୀରେ ବୃଦ୍ଧି ପାଇବ ଏଆଇ ଓ ଏମଏଲ ପ୍ରଯୁକ୍ତି

ଭୁବନେଶ୍ୱର, ୨୭/୧୧ : ଗ୍ରାହକଙ୍କ ଚାହିଦା ଓ ମନୋଭାବ ସଂପର୍କରେ ଅବଗତ ହେବା ପାଇଁ ବିଭିନ୍ନ କଂପାନୀ ଓ ସଂସ୍ଥା ପକ୍ଷରୁ ବିଶ୍ୱବ୍ୟାପୀ ସର୍ବେକ୍ଷଣ କରାଯାଇ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଉଛ । କିନ୍ତୁ ଅସଂପୂର୍ଣ୍ଣ ତଥା ଅତ୍ୟଧିକ ତଥ୍ୟ ଯୋଗୁଁ ୭୫% ଆର୍ଥିକ ସେବା ଓ ବୀମା କଂପାନୀର କାର୍ଯ୍ୟନିର୍ବାହୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ବିଷୟ ସ୍ୱୀକାର କରିଛନ୍ତି । ଭାରତରେ ୮୬% କାର୍ଯ୍ୟନିର୍ବାହୀ ଏପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପ୍ରକାର ସମସ୍ୟା ସତ୍ତ୍ୱେ ଟ୍ରାନ୍‌ସୟୁନିୟନ ପକ୍ଷରୁ ନ୍ୟୁ ଏଟ୍ ଗ୍ରୁପ ଗ୍ଲୋବାଲ ଷ୍ଟଡ଼ିରୁ ଜଣାପଡ଼ିଛି ଯେ, ବିଭିନ୍ନ ଆର୍ଥିକ ଓ ବୀମା ସଂସ୍ଥା ତଥ୍ୟ ସଂଗ୍ରହ ଧାରା ଜାରି ରଖିଛନ୍ତି ।
ଏହି ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅଧିକ ସୂଚନା ଆହରଣ ନିମନ୍ତେ ସେମାନେ କୃତ୍ରିମ ମେଧା (ଏଆଇ) , ମେସିନ ଲର୍ଣ୍ଣିଂ (ଏମଏଲ) ଉପଯୋଗ କରିବା ପାଇଁ ଚାହୁଁଛନ୍ତି । ତଥ୍ୟ ବିଶ୍ଳେଷଣ ପାଇଁ ସେମାନେ ଏହି ବ୍ୟବସ୍ଥା ଉପଯୋଗ କରିବାକୁ ଚାହୁଁଛନ୍ତି । ଏହି କାରଣରୁ ଆଗାମୀ ୨ ବର୍ଷରେ ଦେଶର ଆର୍ଥିକ ଓ ବୀମା କ୍ଷେତ୍ରରେ ଏଆଇ ଓ ଏମଏଲର ଉପଯୋଗ ବୃଦ୍ଧି ପାଇବ । ବିଶ୍ୱସ୍ତରରେ ପ୍ରତି ୪ ଜଣ କାର୍ଯ୍ୟନିର୍ବାହୀଙ୍କ ମଧ୍ୟରୁ ୩ ଜଣ ନିଜର ତଥ୍ୟ ବିଶ୍ଳେଷଣ ପାଇଁ ଏଆଇ ଓ ଏମଏଲ ଉପଯୋଗ କରିବେ । ଏହାଦ୍ୱାରା ବିଶ୍ଳେଷଣ ସମୟ ହ୍ରାସ ପାଇବ ।

## କମ୍ବଳ ବଣ୍ଟନ

ଭୁବନେଶ୍ୱର: ବିଜୁ ପଟ୍ଟନାୟକ ସାମ୍ବାଦିକତା ମହାବିଦ୍ୟାଳୟ ଓ ଓଡ଼ିଶା ସଚିବାଳୟ ସାମ୍ବାଦିକ ସଂଘ ମିଳିତ ଭାବେ ରାଜଧାନୀ ଭୁବନେଶ୍ୱରରେ ଥିବା ବିଭିନ୍ନ ବସ୍ତିରେ କମ୍ବଳ ବଣ୍ଟନ କରିଛନ୍ତି । ଶନିବାର ଦିନ ପ୍ରାୟ ଆର୍ଥିକ ଅନଗ୍ରସର ଦୁଇ ଶହ ଲୋକଙ୍କୁ ଏହି କମ୍ବଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ବିଜୁ ପଟ୍ଟନାୟକ ସାମ୍ବାଦିକତା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୀତା ବଲ୍ଲଭ ମହାପାତ୍ର ନେତୃତ୍ୱ ନେଇଥିଲେ । ବିଜୁ ପଟ୍ଟନାୟକ ସାମ୍ବାଦିକତା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଓଡ଼ିଶା ସଚିବାଳୟ ସାମ୍ବାଦିକ ସଂଘର ସଭାପତି ଜୀମୂତ ମଂଗରାଜ, ମହାବିଦ୍ୟାଳୟର ନିର୍ଦ୍ଦେଶକ ରଂଜନ କୁମାର ପରିଡ଼ା, ବିଜୁ ପଟ୍ଟନାୟକ ଗ୍ରୁପ୍ ଟିକ୍ନେିକାଲ୍ କଲେଜ୍ ପରିଚାଳନା କମିଟି ସଂପାଦିକା ଗୌତମୀ ସାମନ୍ତରାୟ, ସମାଜସେବା ବିଭାଗର ମୁଖ୍ୟ ଶେଷଦେବ ବଳିଆର ସିଂ, ହୋଟେଲ ମ୍ୟାନେଜ୍‌ମେଂଟ ବିଭାଗ ମୁଖ୍ୟ ବିନୋଦ ବିହାରୀ ରଥ, ସଚିବାଳୟ ସାମ୍ବାଦିକ ସଂଘ ସାଧାରଣ ସଂପାଦକ ବିଜୟ ପରିଡ଼ା, ସାମ୍ବାଦିକ ମହାବିଦ୍ୟାଳୟ ଅଧାପିକା ସ୍ୱରୁପିକା ସାମନ୍ତରାୟ, ସାମ୍ବାଦିକ ବିନୋଦ ବିହାରୀ ନାୟକ ପ୍ରମୁଖ ଏହି କମଳ ବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବ୍ରିଟାନିଆ ଗୁଡ୍‌ଡେ'ର ନୂତନ ଟିଭି ବିଜ୍ଞାପନରେ ଦୀପିକା ପାଦୁକୋନ

ଭୁବନେଶ୍ୱର: ବ୍ରିଟାନିଆ ଗୁଡ୍‌ଡେ ପକ୍ଷରୁ ନୂତନ ଟେଲିଭିଜନ୍ ବିଜ୍ଞାପନର ଶୁଭାରମ୍ଭ କରାଯାଇଛି । ଉକ୍ତ ବିଜ୍ଞାପନରେ ବଲିଉଡ୍‌ର ପ୍ରଖ୍ୟାତ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ ଏବଂ ଏହାକୁ 'ଖୁସିୟୋଁକି ଜିଦ୍ କରୋ' ଭାବେ ଅତି ସରଳରେ ବ୍ୟକ୍ତ କରାଯାଇଛି । ଏହାର ସନ୍ଦେଶ ହେଉଛିକି, ଯଦି ତୁମେ ଖୁସି ରହିବାକୁ ଓ ଖୁସି ହାସଲ କରିବାକୁ ସଙ୍କଳ୍ପ ନେବ, ତେବେ ତୁମର ପ୍ରତ୍ୟେକଟି ଦିନ ଏକ ଭଲ ଦିନ ହୋଇପାରିବ ।ଏହି ଅଭିଯାନ ସମ୍ପର୍କରେ ବ୍ରିଟାନିଆ ଇଣ୍ଡଷ୍ଟ୍ରୀଜ୍ ଲିମିଟେଡ୍‌ର ମାର୍କେଟିଂ ହେଡ୍, ଶ୍ରୀଯୁକ୍ତ ବିନୟ ସୁବ୍ରମଣ୍ୟମ କହିଛନ୍ତି ଯେ, "ଗୁଡ୍‌ଡେ'ର ମୁଖ୍ୟ ବିଚାରଧାରା ସର୍ବଦା ଖୁସି ସମ୍ପର୍କିତ ରହିଛି ଏବଂ ଆଜିର ସାମାଜିକ ବାସ୍ତବିକତା ସନ୍ଦର୍ଭରେ 'ଖୁସିୟୋଁ କି ଜିଦ୍ କରୋ' ଉକ୍ତିଟି ବ୍ରାଣ୍ଡର ଦୃଷ୍ଟିକୋଣକୁ ଦର୍ଶାଉଛି ।" ବ୍ରାଣ୍ଡର ହାପିନେସ୍ ଆମ୍ବାସାଡର ଦୀପିକା ପାଦୁକୋନ କହିଛନ୍ତି, 'ବ୍ରିଟାନିଆ ଗୁଡ୍‌ଡେ'ର ଏହି ଯାତ୍ରାର ଅଂଶ ଭାବେ ମୁଁ ସମୁଦାୟ ମଧ୍ୟରେ ଖୁସି ବାଣ୍ଟିବା ପାଇଁ ଆମର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ଉତ୍ସାହିତ ରହିଛି ।" ଏହା ବ୍ୟତୀତ ମ୍ୟାକ୍‌କାନ୍ ୱାର୍ଲ୍ଡ ଗ୍ରୁପ୍‌ର ମୁଖ୍ୟ କ୍ରିଏଟିଭ୍ ଅଫିସର ଏବଂ କାର୍ଯ୍ୟକାରୀ ଅଧ୍ୟକ୍ଷ ଓ ଆଞ୍ଚଳିକ ଇଡି, ଏପି ପ୍ରସୂନ୍ ଯୋଶୀ କହିଛନ୍ତି, "ଏହି ଗୁଡ୍‌ଡେ' ଅଭିଯାନର ବିଷୟ ବସ୍ତୁ ମୋ ହୃଦୟର ଅତି ପ୍ରିୟ, ସ୍ୱତନ୍ତ୍ର ଭାବେ କାରଣ ଏଥିରେ ଲୋକଙ୍କୁ ନିଜ ପ୍ରୟାସ ନଛାଡ଼ି ସମସ୍ତଙ୍କ ପାଇଁ ଏକ ଖୁସିମୟ ଦୁନିଆ ପାଇଁ ଚେଷ୍ଟା କରିବାକୁ ପ୍ରେରିତ କରିବାର କ୍ଷମତା ରହିଛି ।" ଏହି ଟିଭି ବିଜ୍ଞାପନଟି ଜଣେ ଦୋକାନୀଙ୍କୁ ଗୁଡ୍‌ଡେ' ପାଇଁ ପଚାରୁ ଥିବା କିଛି ପିଲା ମାନଙ୍କୁ ନେଇ ଆରମ୍ଭ ହୋଇଛି ଏବଂ ଟଙ୍କା ଆଣିନଥିବାରୁ ପିଲାମାନଙ୍କୁ ଦୋକାନରୁ ବାହାର କରି ଦିଆଯାଉଥିବା ଦେଖାଯାଇଛି । ଦୀପିକା, ଯିଏକି ଦୋକାନୀ ଜଣଙ୍କ ଝିଅ ଅଟନ୍ତି, ସେ ପିଲାମାନଙ୍କୁ ଦୋକାନକୁ ଫେରାଇ ଆଣନ୍ତି ଓ ନିଜ ପସନ୍ଦର ଗୁଡ୍‌ଡେ' ପାଇଁ ପିଲାମାନେ କ'ଣ ପଇଠ କରି ପାରିବେ ତାହା ପଚାରନ୍ତି । ଏହି 'ଖୁସିୟୋଁ କି ଜିଦ୍' କାହାଣୀଟି କିଭଳି ଆଗକୁ ବଢୁଛି ତାହା ଜାଣିବା ପାଇଁ ଦିଆଯାଇଥିବା :https://youtu.be/_m5A66fVoHI ଟିଭିସି ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ।

## ଭାରତରେ ବାୟୁ ଏବଂ ଜଳ ପ୍ରଦୂଷଣର ସମାଧାନ ପାଇଁ ଆର୍କନେଷ୍ଟର ଶୁଭାରମ୍ଭ

ଭୁବନେଶ୍ୱର : ଆଧୁନିକ ଭାରତ ସମ୍ମୁଖରେ ଦେଖାଦେଇଥିବା ଜଳ ଏବଂ ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ଆର୍କ ଭେନଚ୍ୟୁର ଅଫ୍ ଇଣ୍ଡିଆ ଏବଂ ଜାପାନର ଲିଭ୍ ଏ ନେଷ୍ଟ କୋ ପକ୍ଷରୁ ଆର୍କନେଷ୍ଟର ଶୁଭାରମ୍ଭ କରାଯାଇଛି । ଏଥି ପାଇଁ ଦିଲ୍ଲୀରେ ୫୦ କୋଟି ଟଙ୍କାର ନିବେଶ କରାଯିବ । ଜ୍ଞାନକୌଶଳ ତଥା ଲୋକଙ୍କ ଜୀବନଶୈଳୀରେ ବିକାଶ ପାଇଁ ଏହାର ନିବେଶ ପୁଞ୍ଜି ମଧ ବୃଦ୍ଧି ପାଇବ ।ଭାରତରେ କଟିଂ ଏଡଜ୍ ଜ୍ଞାନକୌଶଳ, ଇଂଟେଲକ୍‌ଚ୍ୟୁଆଲ ପ୍ରପର୍ଟି ତଥା ଫଣ୍ଡିଙ୍ଗ୍ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାର ସମାଧାନ ପାଇଁ ଆର୍କନେଷ୍ଟ୍ ସହାୟତା ଯୋଗାଇଦେବ । ଜଳ, ବାୟୁ ବିଶୁଦ୍ଧିକରଣ ଏବଂ ଶୃଙ୍ଖଳା ବର୍ଜବସ୍ତୁ ପରିଚାଳନା କ୍ଷେତ୍ରରେ ଏହା କାର୍ଯ୍ୟ କରିବ । ତାମିଲନାଡୁର କୋଏମ୍ବାଟୁରରେ ୨୪,୦୦୦ ବର୍ଗଫୁଟ ଅଂଚଳରେ ଆର୍କନେଷ୍ଟ ପକ୍ଷରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତି କରାଯିବା ଲାଗି ଯୋଜନା କରାଯାଇଛି । ଏହା ସହିତ ବିଭିନ୍ନ ରାଜ୍ୟରେ ସରକାରୀ-ଘରୋଇ ମିଳିତ ସହଯୋଗରେ ଏଭଳି କାର୍ଯ୍ୟ କରିବାର ଯୋଜନା ରହିଛି ।
ବିଭିନ୍ନ ବିଜ୍ଞାନ ଭିତିକ ତଥ୍ୟ ଆଧାରରେ ଆର୍କନେଷ୍ଟ୍ ଏହାର କାର୍ଯ୍ୟ କ୍ଷେତ୍ର ବୃଦ୍ଧିର ଉଦ୍ୟମ ଅବ୍ୟାହତ ରଖିଛି । ଏହାଦ୍ୱାରା ପ୍ରତିଭାଶାଳୀ ଯୁବବର୍ଗ ଲୋକ ଲୋଚନକୁ ଆସିବାର ମାର୍ଗ ପ୍ରଶସ୍ତ ହୋଇପାରିବ ।ଏହି ଅବସରରେ ଆର୍କ ଭେନଚ୍ୟୁରର ସହ ପ୍ରତିଷ୍ଠାତା ଅର୍ଜୁନ ଅଗ୍ରୱାଲା କହିଲେ, ପ୍ରତି ନାଗରିକଙ୍କ ପ୍ରଥମ ଅଧିକାର ହେଉଛି ବିଶୁଦ୍ଧ ଜଳ ଓ ବାୟୁ । ଆର୍କନେଷ୍ଟ ଦ୍ୱାରା ବିକଶିତ ଜ୍ଞାନକୌଶଳ ସହାୟତାରେ ଏହା ସମ୍ପନ୍ନ ହୋଇ ପାରିବ । ପୃଥିବୀରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ବିକଶିତ ଜ୍ଞାନକୌଶଳ ଦ୍ୱାରା ସମ୍ଭବ ହୋଇପାରିବ । ଏହି ଅବସରରେ ଲିଭ୍ ଏ ନେଷ୍ଟ୍ କୋ.ର ପ୍ରତିଷ୍ଠାତା ତଥା ସିଇଓ ୟୁକିହିରୋ ମାରୁ କହିଲେ, ପୃଥିବୀରେ ଖୁସି ଆଣିବା ପାଇଁ ବିକଶିତ ଜ୍ଞାନକୌଶଳ ତଥା ବିଜ୍ଞାନର ଉପଯୋଗ କରାଯିବା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

## ପଦ୍ମ ଭୂଷଣ ଉସ୍ତାଦ ଜାକିର ହୁସେନ ଆଦିତ୍ୟ ବିକ୍ରମ ବିର୍ଲା କଳା ଶିଖର ପୁରସ୍କାରରେ ସମ୍ମାନିତ

ଭୁବନେଶ୍ୱର: ସଙ୍ଗୀତ କଳା କେନ୍ଦ୍ର ପୁରସ୍କାର ସମାରୋହର ୨୪ତମ ସଂସ୍କରଣରେ ପଦ୍ମ ଭୂଷଣ ଉସ୍ତାଦ ଜାକିର ହୁସେନଙ୍କୁ ସମ୍ମାନଜନକ ଆଦିତ୍ୟ ବିକ୍ରମ ବିର୍ଲା କଳା ଶିଖର ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହା ସହିତ ଭାରତୀୟ ଶାସ୍ତ୍ରୀୟ ଇନଷ୍ଟ୍ରୁମେଂଟ୍ ମ୍ୟୁଜିକ୍‌ର ଦୁଇ ଉଦୀୟମାନ ତାରକା-ମିସ୍ ରାଗିଣୀ ଶଙ୍କର (ଭାୟୋଲିନ) ଓ ଶ୍ରୀଯୁକ୍ତ ଅବିର ହୋସେନ (ସରୋଦ)ଙ୍କୁ ଆଦିତ୍ୟ ବିକ୍ରମ ବିର୍ଲା କଳାକୀରଣ ପୁରସ୍କାର ପ୍ରଦାନ କରାଯାଇଛି ।
ଏହି ଅବସରରେ ଉଦବୋଧନ ଦେଇ ଶ୍ରୀମତୀ ରାଜଶ୍ରୀ ବିର୍ଲା, ପ୍ରେସିଡେନ୍‌ଟ, ସଙ୍ଗୀତ କଳା କେନ୍ଦ୍ର କହିଛନ୍ତି ଯେ, "ସଙ୍ଗୀତ କଳା କେନ୍ଦ୍ରର ଦୂରଦୃଷ୍ଟି ସମ୍ପନ୍ନ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଆଦିବ୍ୟ ବିକ୍ରମ ବିର୍ଲା ଅଭିନବ ଚିନ୍ତାଧାରାର ଭାବ ପ୍ରତି ଏହି ପୁରସ୍କାର ହେଉଛି ଉଲ୍ଲେଖନୀୟ ଉତ୍ସବ ପାଳନ । ଶ୍ରୀମତୀ ବିର୍ଲା ପରଫରମିଂ ଆର୍ଟସ୍ ପ୍ରତି ରହିଥିବା ନିଜ ଭଲପାଇବାକୁ ପରିପ୍ରକାଶ କରିବା ସହିତ ଅତୀତର ସ୍ମୃତିଚାରଣ କରି କହିଥିଲେ ଯେ ଆଦିତ୍ୟଜୀ ହେଉଛନ୍ତି ଜଣେ ଚିତ୍ରକର, ଅଭିନେତା ଏବଂ ଗାୟକ । ସେ ବିଶ୍ୱାସ କରନ୍ତି ଯେ ତାଙ୍କ ସମୟରେ ଅଭିନବ ଢ଼ଙ୍ଗରେ ନିଜ ଭାବନାକୁ ପରିପ୍ରକାଶ କରିହେଉଥିଲା ଯାହା ପରବର୍ତ୍ତି ସମୟରେ ପ୍ରଚାର ପ୍ରସାର ଆବଶ୍ୟକ କରିଥିଲା । ତାଙ୍କର ସେହି ଭାବନାରୁ ସଙ୍ଗୀତ କଳା କେନ୍ଦ୍ରର ଆବିର୍ଭାବ ହୋଇଥିଲା । ନିଜର ବ୍ୟକ୍ତିଗତ ସଂପୃକ୍ତି ବଳରେ ସେ ସଙ୍ଗୀତ, ନୃତ୍ୟ, ମଂଚ ଏବଂ ଅନ୍ୟାନ୍ୟ କଳା କ୍ଷେତ୍ରରେ ଜାତୀୟ ସ୍ତରରେ ଆଗ୍ରହ ସୃଷ୍ଟି କରିପାରିଥିଲେ । ଆଦିତ୍ୟଜୀ ସଙ୍ଗୀତ କଳା କେନ୍ଦ୍ରକୁ ପ୍ରତିଷ୍ଠା ଦେଇଥିଲେ । ତାଙ୍କ ସ୍ମୃତି ଓ ତାଙ୍କ ପରମ୍ପରାକୁ ଆଗକୁ ବଢ଼ାଇବା ଲାଗି ସଙ୍ଗୀତ କଳା କେନ୍ଦ୍ର ପୁରସ୍କାରକୁ ୧୯୯୬ରେ ସ୍ଥାପନ କରାଯାଇଥିଲା ।''
ଏହି କାର୍ଯ୍ୟକ୍ରମରେ ବିଶ୍ୱ ବିଦିତ ଭାୟୋଲିନ ବାଦକ ପଦ୍ମଭୂଷଣ ଡକ୍ଟର ଏନ ରାଜମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଯାହା ଉଭୟ ସମ୍ମାନ ଏବଂ ଗର୍ବର ବିଷୟ । ଅତୁଳନୀୟ ଭାୟୋଲିନ ବାଦକ ଭାବେ ପରିଚିତ ଥିବା ରାଜମ ସତରେ ଅତୁଳନୀୟ । ଭାୟୋଲିନ ପ୍ରତି ତାଙ୍କ ଭଲ ପାଇବା ଯାହା ଆଜିର ଦିନରେ ମଧ୍ୟ ଆପଣଙ୍କ ଜୀବନରେ ପ୍ରାସଙ୍ଗିକ ରହିଛି । ଆପଣ ଏହି କ୍ଷେତ୍ରରେ ଏକ ନୂତନ ସ୍ଥାନ ସୃଷ୍ଟି କରିଛନ୍ତି । ଆପଣ ଭାରତକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେଇଛନ୍ତି ବୋଲି ଶ୍ରୀମତୀ ବିର୍ଲା କହିଛନ୍ତି ।
କଳା ଶିଖର ପୁରସ୍କାର ଲାଗି ଉସ୍ତାଦ ଜାକିର ହୁସେନଙ୍କ ନାମକୁ ପ୍ରକାଶ କରାଯାଇଥିବାରୁ ସଙ୍ଗୀତ କଳା କେନ୍ଦ୍ର ତରଫରୁ ସେ ଗର୍ବିତ ମନେ କରୁଥିବା କହିଛନ୍ତି । ତବଲାରେ ତାଙ୍କର ସ୍ତର ବହୁତ ଉର୍ଦ୍ଧ୍ୱରେ ବୋଲି ସେ କହିଛନ୍ତି । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ଥିବା ଅମୂଲ୍ୟ ଅବଦାନ ପାଇଁ ଏହି ପୁରସ୍କାର ହେଉଛି ଏକ ସ୍ୱୀକୃତି । ହୁସେନଜୀ ଜଣେ କିମ୍ବଦନ୍ତୀ ଯାହାଙ୍କ ଡ୍ରମ୍‌ର ଧ୍ୱନୀ ଭାରତ ଓ ବିଶ୍ୱରେ ଗୁଂଜରିତ ହେଉଛି । ସାରା ବିଶ୍ୱରେ ସେ ଭାରତୀୟ ସଙ୍ଗୀତର ଶ୍ରେଷ୍ଠ ଆମ୍ବାସାଡର ବୋଲି ଶ୍ରୀମତୀ ବିର୍ଲା କହିଛନ୍ତି । ଜରୁରୀ କାର୍ଯ୍ୟ ଯୋଗୁ ଉସ୍ତାଦ ଜାକିର ହୁସେନ ଏହି ପୁରସ୍କାର ଗ୍ରହଣ କରିପାରିନଥିବାରୁ ତାଙ୍କ ଭାଇ ଉସ୍ତାଦ ଫୈଜଲ କୁରେସି ତାଙ୍କ ପାଇଁ ପୁରସ୍କାର ଗ୍ରହଣ କରିଥିଲେ । ଏଭଳି ଜଣେ ଶ୍ରେଷ୍ଠ ତବଲା ବାଦକଙ୍କୁ ପାଖରେ ପାଇ ଆମେ ବହୁତ ଖୁସି । ଜାଜ ଓ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ ସହିତ ମିଶ୍ରଣ ଯୋଗୁ ସେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଲାଭ କରିଥିଲେ ।

## ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର ନୂଆ 'ଆକ୍ସିସ୍ ରିଟାୟାରମେଂଟ ସେଭିଙ୍ଗସ୍ ଫଣ୍ଡ'

ଭୁବନେଶ୍ୱର: ଦେଶର ଅଗ୍ରଣୀ ସମ୍ପତି ପରିଚାଳନାକାରୀ କଂପାନୀ ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ନୂତନ ପାଣ୍ଠି 'ଆକ୍ସିସ୍ ରିଟାୟାରମେଣ୍ଟ ସେଭିଙ୍ଗସ୍ ଫଣ୍ଡ' ନାମରେ ନୂଆ ପାଣ୍ଠି ଶୁଭାରମ୍ଭ କରିଥିବା ବିଷୟ ଘୋଷଣା କରିଛି । ଅବସରଗ୍ରହଣ ଜନିତ ସମସ୍ୟାର ସମାଧାନ ପାଇଁ ଏହି ପାଣ୍ଠି ଏକ ଉତ୍କୃଷ୍ଟ ଯୋଜନା । ଏହାର ଲକ୍ ଇନ୍ ସମୟ ୫ ବର୍ଷ ବା ଅବସରଗ୍ରହଣ ବୟସ । ଏଥିମଧ୍ୟରୁ ଯେଉଁଟି ଆଗୁଆ ସେହି ଅନୁଯାୟୀ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ଏହି ନୂଆ ଫଣ୍ଡ ଗ୍ରାହକଙ୍କ ପାଇଁ ଚଳିତ ନଭେମ୍ବର ୨୯ ତାରିଖରୁ ଡ଼ିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । କାର୍ଯ୍ୟକ୍ଷମ ଥିବା ବୟସର ବ୍ୟକ୍ତିଙ୍କ ପାଇଁ ଅବସରଗ୍ରହଣ ଯୋଜନା ପ୍ରସ୍ତୁତି ସଂପ୍ରତି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । କାରଣ ଅବସରଗ୍ରହଣ ପରେ ଏହି ବ୍ୟକ୍ତିଙ୍କୁ ବିନା କୌଣସି ଆନୁଷ୍ଠାନିକ ସାମାଜିକ ସୁରକ୍ଷାରେ ଦୀର୍ଘ ଦିନ ଜୀବନ ଅତିବାହିତ କରିବାକୁ ପଡ଼ିଥାଏ । ଏଥିସହ ସଂପ୍ରତି ପାରିବାରିକ ରୂପରେଖ ମଧ୍ୟ ବଦଳିବାରେ ଲାଗିଛି । ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଅବସରଗ୍ରହଣ ପରେ ବ୍ୟକ୍ତିଟିଏ ଆତ୍ମନିର୍ଭରଶୀଳ ହୋଇ ଜୀବନଧାରଣ କରିବାକୁ ଚାହିଁଥାଏ ।
ଏଥିପାଇଁ କିଛି ଆର୍ଥିକ ସମାଧାନର ମାର୍ଗ ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି 'ଆକ୍ସିସ୍ ରିଟାୟାରମେଣ୍ଟ ସେଭିଙ୍ଗସ୍ ଫଣ୍ଡ' ପ୍ରଚଳନ କରାଯାଇଛି । ଏଥିରେ ହିତାଧିକାରୀଙ୍କ ପାଇଁ ଅନେକ ସୁବିଧାସୁଯୋଗ ରହିଛି । ଏହି ଫଣ୍ଡରେ ୩ କିସମ ନିବେଶ ସୁବିଧା ରହିଛି । ଗୋଟିଏ ଆଗ୍ରେସିଭ ପ୍ଲାନ୍, ଦ୍ୱିତୀୟଟି ଡ଼ାଇନାମିକ୍ ପ୍ଲାନ୍ ଓ ତୃତୀୟଟି ହେଉଛି କଞ୍ଜରଭେଟିଭ ପ୍ଲାନ୍ । ଏହି ସମସ୍ତ ପ୍ଲାନ୍‌ରେ ନିବେଶକଙ୍କ ବୟସ ଓ ଅନ୍ୟାନ୍ୟ ବିଷୟକୁ ନେଇ ଉପାଦାନ ସନ୍ନିବେଶିତ କରାଯାଇଛି । ଆକ୍ସିସ୍ ଏଏମସିର ଏମଡ଼ି ତଥା ସିଇଓ ଚନ୍ଦ୍ରେଶ କୁମାର ନିଗମ ଏହି ଅବସରରେ କହିଛନ୍ତି ଯେ, ଜନସାଧାରଣଙ୍କ ଆବଶ୍ୟକତାକୁ ଆକ୍ସିସ୍ ଏଏମସସି ଉତ୍ପାଦ ପ୍ରସ୍ତୁତ କରିଥାଏ । ସେହି ଅନୁଯାୟୀ ନୂଆ 'ଆକ୍ସିସ୍ ରିଟାୟାରମେଣ୍ଟ ସେଭିଙ୍ଗସ୍ ଫଣ୍ଡ' ଜନସାଧାରଣଙ୍କୁ ଅବସରକାଳୀନ ଆର୍ଥିକ ଯୋଜନା ପ୍ରସ୍ତୁତିରେ ସହାୟକ ହୋଇପାରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

## ପ୍ଲାଟିନମ ଡେଜ ଅଫ ଲଭ ପକ୍ଷରୁ ଗ୍ରେଟର ଟୁଗେଦର କଲେକ୍ସନ ଲଭ ବ୍ୟାଣ୍ଡ

ଭୁବନେଶ୍ୱର: ପିଜିଆଇ ଇଣ୍ଡିଆର ଫ୍ଲାଗସିପ କାର୍ଯ୍ୟକ୍ରମ, ପ୍ଲାଟିନମ ଡେଜ ଅଫ ଲଭ ପକ୍ଷରୁ ଏହାର ପ୍ଲାଟିନମର ନୂତନ ଲଭବ୍ୟାଣ୍ଡ "ଗ୍ରେଟର ଟୁଗେଦର"ର ଶୁଭାରମ୍ଭ କରିଛି । ଗ୍ରେଟର ଟୁଗେଦରରୁ ଉଦ୍ଧୃତ ଏହି ଅଭିଯାନ ଏଭଳି ଏକ ଭଲପାଇବାର ଉତ୍ସବ ପାଳନ କରୁଛି ଯାହାକି ପ୍ଲାଟିନମ ଭଳି ଦୁର୍ଲଭ । ଏହା ଦମ୍ପତିମାନଙ୍କର ଉତ୍ସବ ପାଳନ କରିଥାଏ ଯେଉଁମାନେ ଏକ ଅଧିକ ଅତୁଳନୀୟ ଶକ୍ତିର ନିର୍ମାଣ କରିବା ପାଇଁ ଏକତ୍ର ହୋଇଥାନ୍ତି ଏବଂ ଯେଉଁଠାରେ ପ୍ରଭେଦ ସାମଞ୍ଜସ୍ୟତାକୁ ରୂପାନ୍ତରିତ ହୋଇ ଏକ ମଜବୁତ ସମ୍ପର୍କ ଗଢ଼ିତୋଳିଥାଏ । ଏଭଳି ଏକ ଭଲପାଇବା ଯାହା ପ୍ରତ୍ୟେକଙ୍କର ସ୍ୱତନ୍ତ୍ରତାର ସମ୍ମାନ ଉପରେ ନିର୍ମିତ । ଏହି ନୂତନ ପରିଚୟ ପ୍ରତ୍ୟେକଙ୍କୁ ପୃଥକ କରିବା ପରିବର୍ତ୍ତେ ଏକ ମହାନ ଏକତ୍ରୀକରଣକୁ ଦର୍ଶାଇଥାଏ ।
ମୂଲ୍ୟବୋଧଯୁକ୍ତ ଡିଜାଇନ ପାଇଁ ଜଣାଶୁଣା ଏହି ନୂତନ କଲେକ୍ସନ ଗୁଡ଼ିକ ଗ୍ରେଟର ଟୁଗେଦର ଚିନ୍ତାଧାରାର ପ୍ରତିଫଳନ ସହ ତିନୋଟି ନୂତନ ଥିମ ସହ ଆସିଛି, ଯାହା ସମ୍ପର୍କର ବାସ୍ତବତାକୁ ପ୍ରତିଫଳିତ କରୁଛି । ଏହାର ସୋ ଡିଫରେଣ୍ଟ ଆଣ୍ଡ ସୋ ଇନ ଲଭ କଲେକ୍ସନ ପରସ୍ପରର ଭଲପାଇବାର ଉତ୍ସବକୁ ପାଳନ କରେ । ସେହିଭଳି ଏହାର ଟ୍ୱିନ ସୋଲ ଇନ ଲଭ କଲେକ୍ସନ ଏକତାର ମହତ୍ୱକୁ ପ୍ରତିଫଳିତ କରିଥାଏ । ଦ ସର୍କଲ ଅଫ ଲଭ କଲେକ୍ସନ ପରିପୂରକ ପ୍ଲାଟିନମ ଲଭ ବ୍ୟାଣ୍ଡରେ ଗଠିତ ଯାହାକି ଦମ୍ପତିମାନଙ୍କ ମଧରେ ଦୁର୍ଲଭ ଭଲପାଇବାକୁ ଏପରି ଢ଼ଙ୍ଗରେ ଆକର୍ଷିତ କରିଥାଏ ଯାହାକି ସେମାନଙ୍କୁ ଏକତ୍ର ସମର୍ଥନ, ସଶକ୍ତ ଏବଂ ଶକ୍ତିଶାଳୀ କରାଇଥାଏ । 'ପ୍ଲାଟିନମ ଡେଜ ଅଫ ଲଭ' ପକ୍ଷରୁ ଏହି ନୂତନ ପ୍ଲାଟିନମ କଲେକ୍ସନ ଗୁଡ଼ିକ ପୁରା ଭାରତରେ ପ୍ରାୟ ସମସ୍ତ ଅଗ୍ରଣୀ ଅଳଙ୍କାର ରିଟେଲ ଷ୍ଟୋର ଗୁଡ଼ିକରେ ଉପଲବ୍ଧ ହୋଇଯାଇଛି ।

## ସିମେଣ୍ଟ ଇଣ୍ଡଷ୍ଟ୍ରୀରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ପିଏସ୍‌ସିର ସବୁଠାରୁ କମ୍ ଗ୍ଲୋବାଲ ୱାର୍ମିଂ କ୍ଷମତା ରହିଛି

ମୁମ୍ବାଇ : ଭାରତର ଅଗ୍ରଣୀ ଗ୍ରୀନ୍ ସିମେଣ୍ଟ ଉତ୍ପାଦକ ଓ ୧୪ ବିଲିୟନ ଡଲାରର ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଂଶ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡ୍‌କୁ ସ୍ୱିଡେନ୍‌ର ଇପିଡି ଇଣ୍ଟର୍‌ନ୍ୟାସ୍‌ନାଲ ଏବି ପକ୍ଷରୁ ଏନ୍‌ଭାଇରନ୍‌ମେଂଟାଲ ପ୍ରଡକ୍ଟ ଡିକ୍ଲାରେସନ୍ (ଇପିଡି) ସମ୍ମାନ ପ୍ରଦାନ କରାଯାଇଛି । ଏହାର ଇପିଡି ପଞ୍ଜୀକରଣ ନମ୍ବର ଏସ୍-ପି-୦୧୪୧୪ ରହିଛି । ଏହା ଦର୍ଶାଉଛି ଯେ, ସିମେଣ୍ଟ ଇଣ୍ଡଷ୍ଟ୍ରୀ ମଧ୍ୟରେ ଜେଏସ୍‌ଡବ୍ଲ୍ୟୁର ପିଏସ୍‌ସି ସିମେଣ୍ଟରେ ସର୍ବନିମ୍ନ ବିଶ୍ୱ ତାପନ କ୍ଷମତା ରହିଛି । ଏନଭାଇରୋମେଂଟାଲ ପ୍ରଡକ୍ଟ ଡିକ୍ଲାରେସନ୍ (ଇପିଡି) ଅନୁଯାୟୀ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ପିଏସ୍‌ସି ନିକଟରେ ୩୨୫.୧୪ କିଲୋଗ୍ରାମ ଅଙ୍ଗାରକାମ୍ଳ/ଏମ୍‌ଟି ( ଓପିସି ସିମେଂଟ୍‌ର ୭୬୦-୮୦୦କି.ଗ୍ରା ଅଙ୍ଗାରକାମ୍ଳ/ଏମ୍‌ଟି ଓ ପିପିସି ସିମେଣ୍ଟର ୫୬୦-୬୫୦ କି.ଗ୍ରା ଅଙ୍ଗାରକାମ୍ଳ/ଏମ୍‌ଟି ତୁଳନାରେ)ର ବିଶ୍ୱ ତାପମାତ୍ରା ବୃଦ୍ଧି କରିବା ପାଇଁ କ୍ଷମତା ରହିଛି, ଯାହାକି ଭାରତରେ ଅନ୍ୟ ସିମେଣ୍ଟ କମ୍ପାନୀ ତୁଳନାରେ ସର୍ବନିମ୍ନ ରହିଛି ଏବଂ ଏହା ବିଶ୍ୱର ଅନ୍ୟ ସର୍ବନିମ୍ନ ବିଶ୍ୱ ତାପମାତ୍ରା ବୃଦ୍ଧି କ୍ଷମତା ରହୁଥିବା କମ୍ପାନୀ ମଧ୍ୟରୁ ଗୋଟିଏ । ଏହି ଜୀବନଚକ୍ର ମୂଲ୍ୟାଙ୍କନକୁ ସ୍ୱତନ୍ତ୍ର ରୂପେ ଥିଙ୍କଷ୍ଟେପ୍ ସଷ୍ଟେନେବିଲିଟି ସଲ୍ୟୁସନ୍ସ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଏହାର ଷ୍ଟିଲ୍ ପ୍ଲାଣ୍ଟଗୁଡିକର ବ୍ଲାଷ୍ଟ ଫର୍‌ନେସ୍ ସ୍ଲାଗ୍‌କୁ ସିମେଣ୍ଟ ସହ ଜଡିତ ଉତ୍ପାଦରେ ଏକ ଇଣ୍ଡଷ୍ଟ୍ରିଆଲ ବାଏ-ପ୍ରଡକ୍ଟ ରୂପେ ପରିଣତ କରିଥାଏ । ଏହାର ମୁଖ୍ୟ ଉତ୍ପାଦ ଜେଏସ୍‌ଡବ୍ଲ୍ୟୁ ପୋର୍ଟଲ୍ୟାଣ୍ଡ ସ୍ଲାଗ୍ ସିମେଣ୍ଟ (ପିଏସ୍‌ସି) ହେଉଛି ଏକ ମିଶ୍ରିତ ସିମେଣ୍ଟ ଯାହା ବଜାରରେ ଉପଲବ୍ଧ ଅନ୍ୟ ପାରମ୍ପରିକ ସିମେଣ୍ଟ ତୁଳନାରେ ଅଧିକ ମଜବୁତ ଶକ୍ତି ରହିଛି ଏବଂ ଏହା ରସାୟନିକ ଆକ୍ରମଣକୁ ମଧ ରୋକିଥାଏ । ଜେଏସ୍‌ଡବ୍ଲ୍ୟୁ ପିଏସ୍‌ସି ଏହାର ସର୍ବନିମ୍ନ କ୍ଲିଙ୍କର ରେସିଓ ସହ ଚୂନ ପଥର, କଠିନ ଇନ୍ଧନ, କୋଇଲା ଓ ପେଟ୍ କୋକ୍ ଏବଂ ଜଳ ଆଦି ପ୍ରାକୃତିକ ସଂଶାଧନକୁ ସଂରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ । ଭାରତୀୟ ବଜାରରେ ଉପଲବ୍ଧ ଅନ୍ୟ ସିମେଣ୍ଟ ଉତ୍ପାଦ ତୁଳନାରେ ଏହା ଖୁବ୍ କମ୍ ବିଦ୍ୟୁତ୍ ଅପଚୟ କରିଥାଏ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray